

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୨୯ ଫେବୃଆରୀ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 29 FEBRUARY 2024

Vol.No. 35 ■ No.59 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ଏ ମାଟିର ସ୍ନେହଶ୍ରଦ୍ଧା ପାଇଁ ଆଜି ମୁଁ ମହାମହିମ: ଦ୍ରୌପଦୀ ମୁର୍ମୁ

ରାଇରଙ୍ଗପୁର, ୨୮/୨ (ନି.ପ୍ର): ଏ ମାଟି ଓ ଏ ମାଟିର ଲୋକଙ୍କ ଆଶୀର୍ବାଦ ପାଇଁ ଆଜି ମୁଁ ମହାମହୀମ ହୋଇଛି । ତେଣୁ ନିଜ ମାଟିକୁ କେମିତି ଭୁଲି ପାରିବି ? ୪ ଦିନିଆ ଓଡ଼ିଶା ଗସ୍ତରେ ଆସି ଏପରି କହିଛନ୍ତି ମହାମହୀମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ଆଜି ରାଷ୍ଟ୍ରପତି ନିଜ ଜନ୍ମମାଟି ରାଇରଙ୍ଗପୁର ମହୁଲଡିହାରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଶିଳାନ୍ୟାସ ଓ ଲୋକାର୍ପଣ କରିଥିଲେ । ପରେ ସେ କହିଥିଲେ, ଭାରତ ସରକାରଙ୍କ ପ୍ରସାଦ ଯୋଜନାରେ ଖିଚିଂର ଅଧିଷ୍ଠାତ୍ରୀ ଦେବୀ ମା' କିଚକେଶ୍ୱରୀ ମନ୍ଦିରକୁ ଅନ୍ତର୍ଭୁକ୍ତ କରାଯାଇଛି । ଆମେ ସମସ୍ତେ ଜାଣିଛେ, ମୟୂରଭଞ୍ଜ ମାନେ ମା' କିଚକେଶ୍ୱରୀ । ଆଉ ମା' କିଚକେଶ୍ୱରୀ ମୟୂରଭଞ୍ଜକୁ ପରିଚୟ ଦେଇଛନ୍ତି । ସେଇଥିପାଇଁ ଭାରତ ସରକାରଙ୍କ ପର୍ଯ୍ୟଟନ ମନ୍ତ୍ରଣାଳୟକୁ ସାଧୁବାଦ ଜଣାଉଛି । ଗତବର୍ଷ ମେ' ମାସରେ ଏଠାକୁ ଆସିଥିଲି । ଭାରତର ରାଷ୍ଟ୍ରପତି ହେବା ପରେ ତାହା ଥିଲା ଜନ୍ମମାଟିକୁ ମୋର ପ୍ରଥମ ଆଗମନ । ଏ ମାଟି ଓ ଏ ମାଟିର ଲୋକଙ୍କ ଆଶୀର୍ବାଦ ପାଇଁ ଆଜି ମୁଁ ମହାମହୀମ ହୋଇଛି । ତେଣୁ ନିଜ ମାଟିକୁ କେମିତି ଭୁଲି ପାରିବି ବୋଲି ପ୍ରଶ୍ନ କରିଛନ୍ତି ରାଷ୍ଟ୍ରପତି । ରାଷ୍ଟ୍ରପତି ଆହୁରି କହିଛନ୍ତି, ଗତବର୍ଷ ଜନ୍ମମାଟିକୁ ଆସିଥିଲି । ଆସିଲା ବେଳେ କେବେହେଲେ ଖାଲି ହାତରେ ଆସିନଥିଲି । ଟାଟାନଗର-ବାଦାମପାହାଡ଼ ଗରଗଟ ଟ୍ରେନ୍, ବାଦାମପାହାଡ଼-ରାଉରକେଲା ଏକ୍ସପ୍ରେସ୍ ଟ୍ରେନ୍, ସାଲିମାର-ବାଦାମପାହାଡ଼ ଏକ୍ସପ୍ରେସ୍ ଟ୍ରେନ୍‌ର ପ୍ରମୁଖ ଶୁଭାରମ୍ଭ କରିଥିଲି । ଏହାଦ୍ୱାରା ଝାରଖଣ୍ଡ, ପଶ୍ଚିମବଙ୍ଗ ଓ ଶିଳ୍ପ ନଗରୀ ରାଉରକେଲାର ଲୋକମାନେ ଉପକୃତ ହେବେ । ଏହି ଅଞ୍ଚଳର ଉନ୍ନତି ଘଟୁଛି ବୋଲି ରାଷ୍ଟ୍ରପତି କହିଛନ୍ତି । ସେ ଆହୁରି କହିଛନ୍ତି, ରେଳପଥ ପରି ସଡ଼କ ସେବା ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ବାଇପାସ୍ ରୋଡ୍ ନିର୍ମାଣ ସମ୍ପୂର୍ଣ୍ଣ ହେବା ପରେ ଲୋକମାନେ କମ୍ ସମୟ ଭିତରେ ଯିବା ଆସିବା କରିପାରିବେ । ସ୍ପୋର୍ଟ୍ସ କମ୍ପ୍ଲେକ୍ସ ନିର୍ମାଣ କ୍ରିଡ଼ା କ୍ଷେତ୍ରରେ ଯୁବପୀଢ଼ୀଙ୍କୁ ଉତ୍ତମ ସୁଯୋଗ ପ୍ରଦାନ କରିବ । ଆପଣମାନେ ଜାଣିଛନ୍ତି ଏହି ମାଟିରୁ ମୁଁ ଦିନେ ପବ୍ଲିକ୍ ଲାଇଫ୍‌କୁ ଆସିଥିଲି । ପବ୍ଲିକ୍ ଲାଇଫ୍ ଥିବା ବେଳେ କ୍ରିଡ଼ା କ୍ଷେତ୍ରରେ ବିକାଶ ପାଇଁ ବହୁ ଉଦ୍ୟମ କରିଥିଲି । ଏବେ ସେହି ସମୟ ଆସିଯାଇଛି । ଏଥିରୁ ସେମାନେ ଫଳପ୍ରଦ ହୋଇପାରିଛନ୍ତି ବୋଲି ରାଷ୍ଟ୍ରପତି କହିଛନ୍ତି ।

▶▶ପୃଷ୍ଠା ୭

ଆଇଏଏସ୍ ସ୍ତରରେ ଅଦଳବଦଳ

ଭୁବନେଶ୍ୱର, ୨୮/୨ (ନି.ପ୍ର): ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ସରକାରୀ ଅଫିସରଙ୍କ ବଦଳି ନୀତିକୁ କଡ଼ାକଡ଼ି ପାଳନ ପାଇଁ ନିର୍ବାଚନ କମିଶନଙ୍କ ତାଗିଦ୍ ପରେ ରାଜ୍ୟ ସରକାର ୩ ଜିଲ୍ଲାର ଜିଲ୍ଲାପାଳଙ୍କୁ ପରିବର୍ତ୍ତନ କରିଛନ୍ତି । ମୟୂରଭଞ୍ଜ ଜିଲ୍ଲାପାଳ ଆଶୀଷ ଠାକରେ ଓ ପୁରୀ ଜିଲ୍ଲାପାଳ ବିଜୟ କୁମାର ଦାଶଙ୍କୁ ନିର୍ବାଚନ କମିଶନଙ୍କ ଛାଟ ପଡ଼ିବାରୁ ତାଙ୍କୁ ବଦଳି ହେବାକୁ ପଡ଼ିଛି । ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ୨୦୧୧ ବ୍ୟାଚ୍ ଆଇଏଏସ୍ ଆଶୀଷ ଠାକରେଙ୍କୁ ମୟୂରଭଞ୍ଜ ଜିଲ୍ଲାପାଳ ପଦବୀରୁ ହଟାଇ ବାଲେଶ୍ୱର ଜିଲ୍ଲାପାଳ ଭାବେ ଅବସ୍ଥାପିତ କରାଯାଇଛି । ସେହିପରି ପୁରୀ ଜିଲ୍ଲାପାଳ ୨୦୧୨ ବ୍ୟାଚ୍ ଆଇଏଏସ୍ ବିଜୟ କୁମାର ଦାଶଙ୍କୁ କଟକ ମହାନଗର ନିଗମର କମିଶନର ଭାବେ ବଦଳି ହୋଇଛି । ସେ ଅତିରିକ୍ତ ଭାବେ କଟକ ଉନ୍ନୟନ ପ୍ରାଧିକରଣ(ସିଡିଏ)ର ଉପାଧ୍ୟକ୍ଷ ଦାୟିତ୍ୱ ତୁଲାଇବେ । ସେହିପରି ୨୦୧୪ ବ୍ୟାଚ୍ ଆଇଏଏସ୍ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କୁ ପୁରୀ ଜିଲ୍ଲାପାଳ ଭାବେ ବଦଳି ହୋଇଛି । ଶ୍ରୀ ସ୍ୱାଇଁ ଏବେ କଟକ ମହାନଗର ନିଗମର କମିଶନର ଓ ସିଡିଏ ଉପାଧ୍ୟକ୍ଷ ଅଛନ୍ତି । ୨୦୧୬ ବ୍ୟାଚ ଆଇଏଏସ୍ ଦତ୍ତାତ୍ରେୟ ଭାଉସାହେବ ସିନ୍ଧେଙ୍କୁ ବାଲେଶ୍ୱର ପରିବର୍ତ୍ତେ ମୟୂରଭଞ୍ଜ ଜିଲ୍ଲାର ଜିଲ୍ଲାପାଳ ଭାବେ ବଦଳି ହୋଇଛି । ସୂଚନା ଅନୁସାରେ ମୟୂରଭଞ୍ଜ ଜିଲ୍ଲାପାଳ ଭାବେ ଶ୍ରୀ ଠାକରେଙ୍କ ଅଧୀନରେ ଥିବା କରଞ୍ଜିଆ ବିଧାନସଭା ମଣ୍ଡଳୀ ଏବେ କେନ୍ଦୁଝର ଲୋକସଭା ନିର୍ବାଚନମଣ୍ଡଳୀ ଅଧୀନରେ ଆସୁଛି ।

▶▶ପୃଷ୍ଠା ୭

ଅଦିନିଆ ବର୍ଷା ଓ ବଜ୍ରପାତ ଜଣେ ମୃତ: ଦୁଇ ଗୁରୁତର

ବ୍ରହ୍ମପୁର, ୨୮/୨ (ନି.ପ୍ର): ଅଦିନିଆ ବର୍ଷା ଓ ବଜ୍ରପାତରେ ଜଣକର ମୃତ୍ୟୁ ହୋଇଥିବାବେଳେ ଦୁଇ ଗୁରୁତର ହୋଇଛନ୍ତି । ଘଟଣା ଘଟିଛି ଦିଗପହଣ୍ଡି ବ୍ଲକ୍ ବାସୁଦେବପୁରରେ । ଆହତଙ୍କୁ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁର ଏମକେସିଜିକୁ ସ୍ଥାନାନ୍ତର କରାଯାଇଛି । ଆହତମାନେ ହେଲେ ଏ.ଭୁବୁନି, ଏ ଡୋଲିଆମ୍ମା । ସେହିଭଳି ମୃତ ମହିଳା ହେଉଛନ୍ତି ଅଙ୍ଗନୱାଡ଼ି କର୍ମୀ ଏ.ନାର୍ଷମା (୫୪) । ସମସ୍ତେ ଗୋଟିଏ ପରିବାରର ସୂଚନା ଅନୁଯାୟୀ, ଅପରାହ୍ନ ପ୍ରାୟ ୪ଟାରେ ବିଲକୁ ମୁଗ ଉପାଡ଼ିବାକୁ ଯାଇଥିବାବେଳେ ଘଟିଛି ଏହି ଅଘଟଣ । ତେବେ ସ୍ଥାନୀୟ ଲୋକେ ସେମାନଙ୍କୁ ଏମକେସିଜିକିରେ ଭର୍ତ୍ତି କରାଯାଇଥିଲେ । ଯେଉଁଠାରେ ଏନ ନାର୍ଷମାଙ୍କ ମୃତ୍ୟୁ ହୋଇଥିଲା । ସେହିଭଳି ତାଙ୍କ ସ୍ୱାମୀ ଓ ନଣନ୍ଦଙ୍କ ଚିକିତ୍ସା ଜାରି ରହିଛି ।

ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ବିଲ୍ ଗେଟ୍ସ: ବିଭିନ୍ନ ପ୍ରସଙ୍ଗରେ କଲେ ଆଲୋଚନା

ଭୁବନେଶ୍ୱର, ୨୮/୨ (ନି.ପ୍ର): ମାଇକ୍ରୋସଫ୍ଟର ସହ ପ୍ରତିଷ୍ଠାତା ବିଲ୍ ଗେଟ୍ସ ଆଜି ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି । ଭୁବନେଶ୍ୱର ଗସ୍ତରେ ଥିବା ଶ୍ରୀ ଗେଟ୍ସ ବିଭିନ୍ନ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ସହ ଆଲୋଚନା କରିଛନ୍ତି । ଉଭୟଙ୍କ ମଧ୍ୟରେ ଆଲୋଚନାରେ ଓଡିଶାର ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ, କୃଷି ଓ କୃଷକଙ୍କ ବିକାଶ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ବସ୍ତି ପରିଚାଳନା ଓ ବିଭିନ୍ନ କ୍ଷେତ୍ରରେ ରୂପାନ୍ତରଣ ପ୍ରସଙ୍ଗ ସ୍ଥାନ ପାଇଥିଲା । ମୁଖ୍ୟମନ୍ତ୍ରୀ-ବିଲ୍ ଗେଟ୍ସ ଆଲୋଚନା ବେଳେ ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ମଧ୍ୟ ଉପସ୍ଥିତ ଥିଲେ । ଶ୍ରୀ ଗେଟ୍ସ ଆଜି ସକାଳୁ ସ୍ଥାନୀୟ ଲୁୟିନୀବିହାରସ୍ଥିତ ମା' ମଙ୍ଗଳାବସ୍ତି ପରିଦର୍ଶନ କରିଥିଲେ । ବସ୍ତି ବୁଲିବା ସହ ଏଠାକାର ଲୋକଙ୍କ ଜୀବନଶୈଳୀ ବୁଲି ଦେଖିଥିଲେ । ଘରକୁ ଘର ଯାଇ ସେମାନଙ୍କୁ ଏଠାର କଣ ସବୁ ମୌଳିକ ସୁବିଧା ମିଳୁଛି ସେ ବିଷୟରେ ପଚାରି ବୁଝିଥିଲେ । ଏହାପରେ କୃଷି ଭବନ ପରିଦର୍ଶନ କରିବା ସହିତ ଗେଟ୍ସ ଫାଉଣ୍ଡେସନ୍ ସହାୟତାରେ ବିଭିନ୍ନ ବିଭାଗରେ ଚାଲିଥିବା ଯୋଜନାର ସମୀକ୍ଷା କରିଥିଲେ । ସୂଚନାଯୋଗ୍ୟ, କୃଷି ସମୀକ୍ଷା କେନ୍ଦ୍ର ଗେଟ୍ସ ଫାଉଣ୍ଡେସନ୍ ସହାୟତାରେ ରାଜ୍ୟରେ କାର୍ଯ୍ୟ କରୁଛି । ଏହି କେନ୍ଦ୍ର ସମନ୍ୱିତ ଚାଷ ପାଇଁ ଉନ୍ନତ ଜ୍ଞାନ କୌଶଳ ବାବଦରେ ସୂଚନା ଦେଉଛି । ଚାଷ ସମ୍ବନ୍ଧୀୟ ସମସ୍ୟା ବାବଦରେ ଏହି କେନ୍ଦ୍ର ଚାଷୀଙ୍କୁ ସହାୟତା ଯୋଗାଉଛି । ରାଜ୍ୟରେ କୃଷିର ଉନ୍ନତି ପାଇଁ ବିଲ ଆଣ୍ଡ ମେଲିଣ୍ଡା ଗେଟ୍ସ ଫାଉଣ୍ଡେସନ୍ ସହ ୨୦୧୭ ମସିହାରେ ଚୁକ୍ତି ହୋଇଥିଲା । ବୈଷୟିକ ପ୍ରଣାଳୀରେ କ୍ଷୁଦ୍ର ଚାଷୀ ଏବଂ ଚାଷୀଙ୍କ ଆୟବୃଦ୍ଧି କରିବା ନେଇ ଲକ୍ଷ୍ୟ ରଖାଯାଇଥିଲା ।

୮ ଘଣ୍ଟା ପରେ ଇଡି ଅଫିସ୍‌ରୁ ବାହାରିଲେ ବିଧାୟକ ପ୍ରଫୁଲ୍ଲ ସାମଲ୍

ଭୁବନେଶ୍ୱର, ୨୮/୨ (ନି.ପ୍ର): ୮ ଘଣ୍ଟା ପରେ ଇଡି ଅଫିସ୍‌ରୁ ବାହାରିଲେ ବିଜେଡି ବିଧାୟକ ପ୍ରଫୁଲ୍ଲ ସାମଲ । ଇଡି ଅଫିସ୍‌ରୁ ବାହାରିବା ପରେ ନିଜ ପ୍ରତିକ୍ରିୟାରେ ପ୍ରଫୁଲ୍ଲ କହିଛନ୍ତି, ଇଡି ଯାହା ତଦନ୍ତ କରୁଛି, ସବୁ ତଥ୍ୟ ଇଡି ଆଗରେ ରଖିଛି । ତଦନ୍ତ ପ୍ରକ୍ରିୟାକୁ ସଂପୂର୍ଣ୍ଣ ସହଯୋଗ କରୁଛି ବୋଲି ପ୍ରଫୁଲ୍ଲ ସାମଲ୍ ଗଣମାଧ୍ୟମକୁ କହିଛନ୍ତି । ବରପଦା ଇଂଜିନିୟରିଂ କଲେଜ ଜମି ମାମଲାରେ ଛନ୍ଦି ହୋଇ ପଡ଼ିଛନ୍ତି ବିଜେଡି ବିଧାୟକ ପ୍ରଫୁଲ୍ଲ ସାମଲ ଓ ତାଙ୍କ ପୁଅ ପ୍ରୟାସକାନ୍ତି ସାମଲ ।

▶▶ପୃଷ୍ଠା ୭

ଅବକାରୀ କାର୍ଯ୍ୟାଳୟ ପରିସରରେ ଅଗ୍ନିକାଣ୍ଡ: ଜଳିଗଲା ୧୦ ବାଇକ୍

ଢେଙ୍କାନାଳ, ୨୮/୨ (ନି.ପ୍ର): ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଅବକାରୀ କାର୍ଯ୍ୟାଳୟ ପରିସରରେ ଭୟାବହ ଅଗ୍ନିକାଣ୍ଡ ଘଟିଛି । ନିଆଁରେ୧୦ରୁ ଅଧିକ ବାଇକ୍ ଜଳିପୋଡ଼ି ପାଉଁଶ ହୋଇଯାଇଛି । ଅଗ୍ନିଶମ କର୍ମଚାରୀ ଦୀର୍ଘ ସମୟ ପରିଶ୍ରମ ପରେ ନିଆଁକୁ ଆୟତ୍ତ କରିଥିଲେ । ଦୁର୍ଘଟଣାରେ କେହି ମୃତାହତ ହୋଇନାହାନ୍ତି । ଗତକାଲି ରାତିରେ କାମାକ୍ଷାନଗର ଅବକାରୀ କାର୍ଯ୍ୟାଳୟର ପଛପାଖରେ ନିଆଁ ଲାଗିଯାଇଥିଲା । ଅଳ୍ପ ସମୟ ଭିତରେ ନିଆଁ ଚାରିଆଡେ ବ୍ୟାପିଯାଇଥିଲା । ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲା ।

▶▶ପୃଷ୍ଠା ୭

ଉପଭୋକ୍ତାଙ୍କୁ ୧୨ ଟଙ୍କା ଫେରାଇଲେନି: ଏବେ ଗଣିବେ ୨.୧୦ ଲକ୍ଷ ଟଙ୍କା

ସମ୍ବଲପୁର, ୨୮/୨ (ନି.ପ୍ର): ଉପଭୋକ୍ତାଙ୍କୁ ୧୨ ଟଙ୍କା ନ ଫେରାଇବା ମହଙ୍ଗା ପଡିଲା । ସେହି ୧୨ ଟଙ୍କା ବଦଳରେ ଉପଭୋକ୍ତାଙ୍କୁ ୨ ଲକ୍ଷ ୧୦ ହଜାର ଟଙ୍କା ଫେରାଇବେ ଗାଡି ପାର୍କିଂ ଠିକାଦାର । ସେଥି ମଧ୍ୟରୁ ୧୦ ହଜାର ଟଙ୍କା ମୋକଦ୍ଦମା ବାବଦ ଖର୍ଚ୍ଚ ଓ ୨ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ପଡ଼ିବ । କେବଳ ଏତିକି ନୁହେଁ, ୧ ଲକ୍ଷ ଟଙ୍କା ଜମା କରିବାକୁ ପଡିବ । ତା' ସହିତ ଫେରସ୍ତ କରି ନ ଥିବା ୧୨ ଟଙ୍କା ର ୧୨% ସୁଧ ସହ ଫେରାଇବାକୁ ଗାଡି ପାର୍କିଂ ଠିକାଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ସମ୍ବଲପୁର ଖାଉଟି ଅଦାଲତ । ଗତ ବର୍ଷ ନଭେମ୍ବର ୧ ତାରିଖରେ ସମ୍ବଲପୁରର ପ୍ରଫୁଲ ଦାସ ନାମକ ବ୍ୟକ୍ତି ସମ୍ବଲପୁର ରେଳ ଷ୍ଟେସନରେ ସ୍କୁଟର ରଖି ଟ୍ରେନରେ ଯାତ୍ରା କରିଥିଲେ । ଷ୍ଟେସନରେ ଥିବା ପାର୍କିଂ ସ୍ଥଳରେ ପାର୍କିଂ ଫି ଗାଡି ବାବଦ ୩୦ ଟଙ୍କା ଦେଇ ରସିଦ ନେଇଥିଲେ । ତେବେ ୧୨ ଘଣ୍ଟା ପାଇଁ ୧୨ ଟଙ୍କା ପାର୍କିଂ ଫି ରହିଥିବା ବେଳେ, ସଂପୃକ୍ତ ବ୍ୟକ୍ତି ଜଣକ ୧୨ ଘଣ୍ଟା ପୂର୍ବରୁ ଫେରି ଆସିଥିଲେ । କିନ୍ତୁ ପାର୍କିଂ ଷ୍ଟାଣ୍ଡରେ ଥିବା କର୍ମଚାରୀ ତାଙ୍କୁ ୧୮ ଟଙ୍କା ଫେରାଇବା ବଦଳରେ ମାତ୍ର

▶▶ପୃଷ୍ଠା ୭

ଅଖିଳେଶଙ୍କୁ ସିବିଆଇ ସମନ

ନୂଆଦିଲ୍ଲୀ, ୨୮/୨ : ଫସିଲେ ସମାଜବାଦୀ ପାର୍ଟି ଅଧ୍ୟକ୍ଷ ତଥା ଉତ୍ତରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଅଖିଳେଶ ସିଂହ ଯାଦବ । ତାଙ୍କ ପାଖକୁ ସମନ ପଠାଇଲା କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ତଥା ସିବିଆଇ । ବେଆଇନ ଖଣି ଖନନ ମାମଲାରେ ତାଙ୍କୁ ପଚରାଉଚରା କରିବା ପାଇଁ ସିବିଆଇ ସମନ ଜାରି କରିଛି । ସୂଚନା ମୁତାବକ, ଅଖିଳେଶ ଯାଦବଙ୍କୁ ଆସନ୍ତାକାଲି ଅର୍ଥାତ ଫେବୃଆରୀ ୨୯ ତାରିଖରେ ଦିଲ୍ଲୀ ସ୍ଥିତି ସିବିଆଇ କାର୍ଯ୍ୟାଳୟରେ ହାଜର ହେବାକୁ କୁହାଯାଇଛି । ବେଆଇନ ଖଣି ଖନନ ମାମଲାରେ ତାଙ୍କୁ ସାକ୍ଷୀ ରୂପେ ସାମିଲ ହେବାକୁ ସିବିଆଇ ସମନ ଜାରି କରିଥିବା ଜଣାପଡିଛି । ଏହି ମାମଲରେ ତାଙ୍କୁ ଆସନ୍ତାକାଲି ସିବିଆଇ ପଚରାଉଚରା କରିବ । ୨୦୧୨-୧୩ ଖଣି ଖନନ ବିଭାଗ ପରିଚାଳନା କରୁଥିଲେ ଅଖିଳେଶ ଯାଦବ । ଏହି ସମୟରେ ହମିରପୁରରେ ଏକ ବେଆଇନ ଖଣି ଖନନ ମାମଲା ସାମ୍ନାକୁ ଆସିଥିଲା । ଏହାକୁ ନେଇ ଜାନୁଆରୀ ୨୦୧୯ରେ ଉତ୍ତରପ୍ରଦେଶ, ଶାମଲି, କୌଶାମ୍ବୀ, ଫତେହପୁର, ଦେଓରିଆ, ସାହାରନପୁର, ହମିରପୁର ଏବଂ ସିଦ୍ଧାର୍ଥନଗରର ସାତୋଟି

▶▶ପୃଷ୍ଠା ୭

ହିମାଚଳ ରାଜନୀତିରେ ହାଇଭୋଲଟେଜ ଡ୍ରାମା: ମନ୍ତ୍ରୀ ପଦରୁ ବିକ୍ରମାଦିତ୍ୟ ସିଂଙ୍କ ଇସ୍ତଫା ଦେବା ପରେ ସଙ୍କଟରେ ହିମାଚଳ ସରକାର

ନୂଆଦିଲ୍ଲୀ, ୨୮/୨ : ହିମାଚଳ ରାଜନୀତିରେ ଘଡିକେ ଛୁଟିଛି ଘୋଡା । ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ଶୁଖୁଙ୍କ ଇସ୍ତଫା ଚର୍ଚ୍ଚାକୁ ଖଣ୍ଡନ କଲେ ନିଜେ ସୁଖବିନ୍ଦର । କହିଲେ ଏବେବି ତାଙ୍କ ପାଖରେ ରହିଛି ବହୁମତବିଧାନସଭାରେ ବଜେଟ୍ ଉପସ୍ଥାପନ ପୂର୍ବରୁ ବହୁମତ ସାବ୍ୟସ୍ତ କରିବେ ବୋଲି କହିଛନ୍ତି ହିମାଚଳ ପ୍ରଦେଶ ମୁଖ୍ୟମନ୍ତ୍ରୀ । ସେ ଆହୁରି ମଧ୍ୟ କହିଛନ୍ତି, ତାଙ୍କ ସରକାର ସଫଳତାର ସହ ୫ ବର୍ଷ ଶାସନ କ୍ଷମତାରେ ରହିବ । ସେପଟେ ସୁଖବିନ୍ଦରଙ୍କ ସରକାର ନିଶ୍ଚିତ ଭଙ୍ଗ ହେବ ବୋଲି ଦାବି କରିଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେପି ବିଧାୟକ ଜୟରାମ ଠାକୁର । ସେ କହିଛନ୍ତି, ତାଙ୍କ ଦଳ ପାଖରେ ରହିଛି ବହୁମତ । ଅନେକ କଂଗ୍ରେସ ବିଧାୟକ ତାଙ୍କ ସପକ୍ଷରେ ଥିବା ଯୁକ୍ତି ବାଢିଛନ୍ତି ଜୟରାମ ଠାକୁର । ରାଜ୍ୟସଭା ନିର୍ବାଚନରେ ୬ କଂଗ୍ରେସ ବିଧାୟକ କ୍ରସ୍ ଭୋଟିଂ କରିବା ଦ୍ୱାରା ବିଜେପି ପ୍ରାର୍ଥୀ ହର୍ଷ ମହାଜନ ବିଜୟୀ ହୋଇଛନ୍ତି । ଏହାପରଠାରୁ ହିମାଚଳ ରାଜନୀତିରେ ଭୂମିକମ୍ପ ଦେଖିବାକୁ ମିଳିଛି । ସୁଖବିନ୍ଦର ଶୁଖୁଙ୍କ ସରକାର ବିରୋଧରେ ବିଜେରି ରାଜ୍ୟପାଳଙ୍କୁ ଫେରାଦ ହୋଇଥିଲା । ଅନ୍ୟପଟେ କଂଗ୍ରେସ ବିଧାୟକ କାହିଁକି କ୍ରସ୍ ଭୋଟିଂ କଲେ ଏହାକୁ ନେଇ ତଦନ୍ତ କରିବ କଂଗ୍ରେସର ଏକ ଅବ୍ଜର୍ଭର ଟିମ୍ । ଯାହାଙ୍କୁ ନିୟୋଜିତ କରିଛନ୍ତି କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ୍ ଖଡଗେ । କ୍ରସ ଭୋଟିଂ ପରେ ହିମାଂଚଳ ପ୍ରଦେଶର ବରିଷ୍ଠ କଂଗ୍ରେସ ବିଧାୟକ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବୀରଭଦ୍ର ସିଂଙ୍କ ପୁଅ ବିକ୍ରମଆଦିତ୍ୟ ସିଂ ମନ୍ତ୍ରୀ ପଦରୁ ଇସ୍ତଫା ଦେଇଛନ୍ତି । ଭାବପ୍ରବଣ ହୋଇ ବିକ୍ରମଆଦିତ୍ୟ ସିଂ କହିଛନ୍ତି, ୬ ଥର ତାଙ୍କ ବାପା ମୁଖ୍ୟମନ୍ତ୍ରୀ ଥିଲେ, ତାଙ୍କ ପାଇଁ କଂଗ୍ରେସ ହିମାଚଂଳରେ ସରକାର ଗଢିଛି କିନ୍ତୁ ତାଙ୍କର

▶▶ପୃଷ୍ଠା ୭

ଯାତ୍ରୀଙ୍କ ଉପରେ ମାଡ଼ି ଗଲା ଟ୍ରେନ: ୧୨ ଜଣଙ୍କ ମୃତ୍ୟୁ

ଝାଡ଼ଖଣ୍ଡ, ୨୮/୨ : ଝାଡ଼ଖଣ୍ଡ ଜାମତରା କାଲାଝରିଆରେ ବଡ଼ ଅଘଟଣ ଘଟିଛି । ଯାତ୍ରୀଙ୍କ ଉପରେ ମାଡ଼ି ଯାଇଛି ଗୋଟିଏ ଟ୍ରେନ । ଏଥିରେ ବର୍ତ୍ତମାନ ସୁଦ୍ଧ ୧୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନେକ ଆହତ ହୋଇଛନ୍ତି । ଆଗକୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା ପ୍ରକାଶ ପାଇଛି । ମିଳିଥିବା ସୂଚନା ଅନୁସାରେ, ଗୋଟିଏ ପ୍ୟାସେଞ୍ଜର ଟ୍ରେନ କାଲାଝରିଆ ଷ୍ଟେସନ ଅତିକ୍ରମ କରୁଥିଲା । ଏହି ସମୟରେ ଲୋକୋ ପାଇଲଟ ରେଳ ଧାରଣରୁ ଧୂଆଁ ବାହାରୁ ଥିବା ଦେଖିବାକୁ ପାଇଥିଲେ । ଏହା ଦେଖି ସେ ଭାବିଥିଲେ ଯେ ଟ୍ରେନରେ ଅଗ୍ନିକାଣ୍ଡ ଘଟିଛି । ତେଣୁ ସେ ଟ୍ରେନକୁ ଅଟକାଇ ଦେଇଥିଲେ । ଟ୍ରେନ ଅଟକିବାରୁ ଲୋକମାନେ ଏଥିରୁ ଓହ୍ଲାଇ ପଡ଼ିଥିଲେ । ଏତିକି ବେଳେ ବିପରୀତ ଦିଗରୁ ଆଉ ଗୋଟିଏ ଟ୍ରେନ ଆସୁଥିଲା । ଏହା ପ୍ରଥମ ଟ୍ରେନରୁ ଓହ୍ଲାଇଥିବା ଲୋକଙ୍କ ଉପରେ ମାଡ଼ି ଯାଇଥିଲା । ଫଳରେ ୧୨ ଜଣ ଲୋକଙ୍କ ଜୀବନ ଯାଇଥିବା ଜଣାପଡ଼ିଛି । କିଛି ରିପୋର୍ଟରେ

▶▶ପୃଷ୍ଠା ୭

କେଉଟ, କୈବର୍ତ୍ତ ଓ ଧୀବରଜାତିକୁ ତଫସିଲ ଭୁକ୍ତ ଜାତି ତାଲିକାରୁ ବାଦ୍ ଦେବାକୁ ଦାବି

ବଲାଙ୍ଗିର, ୨୮/୨ (ନି.ପ୍ର): ଦଳିତ, କୃଷକ ନେତା, ବରିଷ୍ଠ ସମାଜସେବ ତଥା ଉପଖଣ୍ଡସ୍ତରୀୟ ଲକ୍ଷେ ଘର ଗଣ୍ଡା ସମାଜର ସଭାପତି ଓ କେକେଡି ହଟାଅ କମିଟିର ଉପସଭାପତି ଡିକ୍ସନ ନନ୍ଦଙ୍କ ନେତୃତ୍ୱରେ ଆଜି ହଜାର ହଜାର ଦଳିତ ନାଗରିକ ବଲାଙ୍ଗିର ଜିଲ୍ଲା ପାଟଣାଗଡରେ ଗର୍ଜନ କରିଛନ୍ତି । ଅନୁସୂଚୀତ ଜାତି ତାଲିକାରୁ କେଉଟ, କୈବର୍ତ ଓ ଧୀବରଜାତିକୁ ବାଦ ଦେବା ପାଇଁ ଦୀର୍ଘ ଦିନ ହେଲା ସେମାନେ ଦାବି କରିଆସୁଛନ୍ତି । ମାତ୍ର ଆଜି ପର୍ଯ୍ୟନ୍ତ ସେମାନଙ୍କ ନାମ ଅନୁସୂଚୀତଜାତି ତାଲିକାରୁ ବାଦ ଦିଆ ଯାଇନଥିବାରୁ ପଶ୍ଚିମ ଓଡିଶାର୯୨ ଦଳିତ ଅସ୍ପୃଶ୍ୟ ଜାତିର ହଜାର ହଜାର ଲୋକ ଆନ୍ଦୋଳନକୁ ଓହ୍ଲାଇଛନ୍ତି । କେବଳ ପାଟଣାଗଡ ନୁହେଁ, ସମଗ୍ର ପଶ୍ଚିମ ଓଡିଶାର ଦଳିତ ସଂଗଠନର କର୍ମକର୍ତାମାନେ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ । କେହିବି ଅଛୁଆଁ କିମ୍ବା ଅସ୍ପୃଶ୍ୟ ନୁହଁନ୍ତି । ଆଜିବି ସେମାନେ ସ୍ୱଚ୍ଛଳ ଏବଂ ବିଭିନ୍ନ ମନ୍ଦିରରେ ପୂଜକ ଭାବେ କାମ କରୁଛନ୍ତି । କେହି କେହି ମୁଡିଭାଜି ନିଜର ଜୀବିକା ନିର୍ବାହ କରୁଛନ୍ତି । ତେଣୁ ସେମାନଙ୍କୁ କାହିଁକି ଅନୁସୂଚୀତ ଜାତି ତାଲିକା ଭୁକ୍ତ କରାଯାଇଛି ବୋଲି ସଂଗଠନ ପକ୍ଷରୁ ପ୍ରଶ୍ନ କରାଯାଇଛି । ସନ୍ନିଧାନ ପ୍ରଣେତା ଡକ୍ଟର ଭୀମ ରାଓ ଆମ୍ବେଦକର କରିଥିବା ସନ୍ନିଧାନକୁ ଭଲ ଭାବେ ତର୍ଜମା କରି ତାର ପ୍ରକୃତ ଭାବାର୍ଥ ବୁଝିବା ଦରକାର ଏବଂ ସେହି ଅନୁସାରେ ତାଲିକା ପ୍ରସ୍ତୁତ କରିବା ଦରକାର ବୋଲି ଦଳିତ ମହାସଂଘ ପକ୍ଷରୁ କୁହାଯାଇଛି । ଆଜି ସମଗ୍ର ପଶ୍ଚିମ ଓଡିଶାର ହଜାର ହଜାର ଦଳିତ ମହିଳା ଓ ପୁରୁଷ, ଡିକ୍ସନ ନନ୍ଦଙ୍କ ନେତୃତ୍ୱରେ ପାଟଣାଗଡ ସହର ପରିକ୍ରମା କରିଥିଲା । ଏହା ପରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ଜାତୀୟ ଅନୁସୂଚୀତଜାତି ତାଲିକାରେ ଥିବା କେଉଟ, କୈବର୍ତ ଓ ଧୀବରମାନଙ୍କୁ ବାଦ ଦେବା ଦାବିରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟର ପାଟଣାଗଡ ଉପଜିଲ୍ଲାପାଳଙ୍କୁ ଏକ ଦାବି ପତ୍ର ପ୍ରଦାନ କରାଯାଇଛି । ତେବେ ପୂର୍ବରୁ ସେମାନଙ୍କ ଦାବିକୁ ରାଜ୍ୟ ସରକାର ୨୦୧୬ରେ କେନ୍ଦ୍ର ସରକାରଙ୍କ ନିକଟକୁ ପଠାଇ ଦେଇଛନ୍ତି । କେନ୍ଦ୍ର ନିକଟରୁ କୌଣସି ପଦକ୍ଷେପ ନେଇନଥିବା ଅଭିଯୋଗ ହୋଇଛି । ଏଥିପାଇଁ ରାଜନୈତିକ ଇଚ୍ଛାଶକ୍ତି ଏବଂ ପ୍ରଶାସନିକ କାର୍ଯ୍ୟ ଦକ୍ଷତା ଉପରେ ପ୍ରଶ୍ନ ଉଠାଇଛନ୍ତି ନେତାମାନେ । ନିର୍ବାଚନ ଅବ୍ୟବହିତ ପୂର୍ବରୁ ରାଜ୍ୟ ଓ କେନ୍ଦ୍ରସରକାର ଅନୁସୂଚୀତ ଜାତି ତାଲିକାରୁ କେକେଡିକୁ ବାଦ ଦେବାକୁ ସଂଗଠନର ସଂପାଦକ ଜୟନ୍ତ କୁମ୍ଭାର ଦାବି କରିଛନ୍ତି । ନ ହେଲେ ଆଗାମୀ ଦିନରେ ପଶ୍ଚିମ ଓଡିଶାର ହଜାର ହଜାର ଦଳିତ ପରିବାର ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି । ଏହି ଆନ୍ଦୋଳନରେ ପଶ୍ଚିମ ଓଡିଶା କେକେଡି ଆକ୍ସନ କମିଟିର କନଭେନ୍ର ଡିଙ୍ଗର କୁମ୍ଭାରଙ୍କ ସମେତ ଦ୍ରୋଣକୁମ୍ଭାର-ସଭାପତି, ବଲାଙ୍ଗିରଜିଲ୍ଲା କେକେଡି ହଟାଅ, ଲକ୍ଷ୍ମଣ ଭରାସାଗର -ସୋନପୁର ଜିଲ୍ଲାସଭାପତି, କେକେଡି ହଟାଅ ଗରିବବାଗ- ସୋନପୁର ଜିଲ୍ଲା ଉପସଭାପତି, କେକେଡିହଟାଅ, ସୁଧାଂଶୁଡାଙ୍ଗ-ସଭାପତି ବୌଦ୍ଧ ଜିଲ୍ଲା କେକେଡିହଟାଅ,ଧନେଶ୍ୟାମ ନାଗ, ମଣିକୁମ୍ଭାର, ମନୋରଂଜନ ବାରିକ, ଭକ୍ତବାଗ, ଭକ୍ତ ନାଗ, ରସେନ୍ଦ୍ରକୁମ୍ଭାର, ପ୍ରଦୀପ କୁମ୍ଭାର, ଲଛବାଗ, ପଙ୍କଜଭୋଇ, ବନମାଳୀ କୁମ୍ଭାର, ପୂର୍ଣ୍ଣଚନ୍ଦ୍ର କୁମ୍ଭାର, ଗନ୍ଧର୍ବ ସୁନା, ବସନ୍ତ ଗଣ୍ଡି, ପିତାମ୍ବର ବାଗ, ରାଜେନ୍ଦ୍ର ନାଗ, ପୁନିତସୁନା, ଲବସୁନା, କ୍ଷେତ୍ର ଲୁହା, ବରଗଡ, ବାସୁଦେବ ମୁଗ୍ରୀ, ରମେଶ ନାଗ ପ୍ରମୁଖ ନେତାମାନେ ପାଟଣାଗଡ ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ ।

ଏକାମ୍ର ନିର୍ବାଚନ ମଣ୍ଡଳୀରେ ବିଜେପିର ପଦଯାତ୍ରା

ଭୁବନେଶ୍ୱର, ୨୮/୨ (ନି.ପ୍ର): ଏକାମ୍ର ନିର୍ବାଚନ ମଣ୍ଡଳୀରେ ଓଡ଼ିଶା ବାସୀଙ୍କୁ ମୋଦୀଙ୍କ ଗ୍ୟାରେଂଟି ନାରାକୁ ନେଇ ବିଜେପିର ପଦଯାତ୍ରା ୱାର୍ଡ଼ ନଂ ୪୮ ର ବିଭିନ୍ନ ଅଂଚଳ ପରିକ୍ରମା କରିଥିଲା ।ଏହି ପଦଯାତ୍ରା ରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଓ ଭୁବନେଶ୍ୱର ବିଜେପି ସଭାପତି ବାବୁ ସିଂ ସାମିଲ ହୋଇଥିଲେ । ପଦଯାତ୍ରାକୁ ମା ଭଉଣୀ ମାନେ ହୁଳ ହୁଳି ଦେଇ , ଘରୁ ପୁଷ୍ପ ବୃଷ୍ଟି କରି ବିଭିନ୍ନ ସ୍ଥାନରେ ଭବ୍ୟ ସ୍ୱାଗତ କରିଥିଲେ । ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ କହିଛନ୍ତି ଯେ,ଓଡିଶାର ବିକାଶ ପାଇଁ ମୋଦି ଗ୍ୟାରେଂଟି ଏକମାତ୍ର ବିକଳ୍ପ । ଓଡିଶାବାସୀଙ୍କ ସମର୍ଥନ ବଳରେ ବିଜେପି ସମସ୍ତ ବାଧା ଦୂର କରିବାରେ ସଫଳ ହେବ ଓ ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ଗଠନ କରିବ। ଜନ ସମ୍ପର୍କ ପଦଯାତ୍ରା ରେ ଭୁବନେଶ୍ୱର ସାଂଗଠନିକ ଜିଲ୍ଲା ବିଜେପି ସଭାପତି ବାବୁ ସିଂ କହିଛନ୍ତି ଯେ, ଓଡ଼ିଶାର ବିକାଶ ପାଇଁ କେନ୍ଦ୍ର ସରକାର ଗୁରୁତ୍ୱ ଦେଉଛନ୍ତି ଏବଂ ଓଡ଼ିଶାରେ ଚାଳିବ ମୋଦି ଗ୍ୟାରେଂଟି । ପୁଣି ଏଥର "ମୋଦି ସରକାର, ଓଡିଶାରେ ବିଜେପି ସରକାର" ଗଠନ ହେବ ।ଏକାମ୍ର ନିର୍ବାଚନ ମଣ୍ଡଳୀରେ ଚାଳିବ ମୋଦି ଗ୍ୟାରେଂଟି। ମୋଦି ଗ୍ୟାରେଂଟିର ସୁଲାଭରୁ ବଂଚିତ ଓଡିଶାବାସୀ । ବିଗତ ୧୦ବର୍ଷର ମୋଦି ଗ୍ୟାରେଂଟିର ସୁଲାଭ, ଓଡିଶାର ଶେଷ ପାହାଚରେ ଛିଡା ହୋଇଥିବା ବ୍ୟକ୍ତି ପାଖରେ ପହଁଚାଇବାର ଦାୟୀତ୍ୱ ହେଉଛି ବିଜେପି କାର୍ଯ୍ୟକର୍ତାଙ୍କର ।ମୋଦି ଗ୍ୟାରେଂଟିର ବାଧକ ଏବଂ ବାଧା ସୃଷ୍ଟିକାରୀଙ୍କୁ ହଟାଇବାର ଦାୟୀତ୍ୱ ହେଉଛି ଓଡିଶାବାସୀଙ୍କର ।ଆଜିର ସମୟରେ ମୋଦିଜୀଙ୍କ ଗ୍ୟାରେଂଟିର ଅର୍ଥ "ଗ୍ୟାରେଂଟି ପୂରା ହେବାର ଗ୍ୟାରେଂଟି ବୋଲି ଶ୍ରୀ ସିଂ କହିଛନ୍ତି।

ଉପଜିଲ୍ଲାପାଳଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ମାଲକାନଗିରି, ୨୮/୨ (ନି.ପ୍ର): କୁଡୁମୁଲୁଗୁମ୍ଫା ଡାରଓ୍ୱିନ ମେମୋରିଆଲ ସ୍ମାରକୀ ସ୍ନାତକ ମହାବିଦ୍ୟାଳୟ ପରିସରରେ ପୂର୍ବତନ ମାଲକାନଗିରି ଉପଜିଲ୍ଲାପାଳ ଅକ୍ଷୟ କୁମାର ଖେମୁଣ୍ଡୁଙ୍କ ଉଦ୍ଦେଶ୍ୟରେ ଜିଲ୍ଲାସ୍ତରୀୟ ବେସରକାରୀ ଅନୁଦାନପ୍ରାପ୍ତ କଲେଜ ଅଧ୍ୟକ୍ଷଙ୍କ ମିଳିତ ଆନୁକୂଲ୍ୟରେ ବିଦାୟୀ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଏହି ସଭାଟିକୁ ମାଲକାନଗିରି ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଅଧିକାରୀ ଶ୍ୟାମ ସୁନ୍ଦର ନାୟକ ସଭା ପରିଚାଳନା କରିଥିଲେ। ସଭାରେ ମୁଖ୍ୟ ଅତିଥି ରୂପେ ବାଲିମେଳା ମହାବିଦ୍ୟାଳୟର ଅବସର ପ୍ରାପ୍ତ ଅଧ୍ୟକ୍ଷ ଅମୂଲ୍ୟ କୁମାର ପ୍ରଧାନ,ସମ୍ମାନିତ ଅତିଥି ରୂପେ କୁଡୁମୁଲୁଗୁମ୍ଫା ତହସିଲଦାର ଟିକୁନା ପୁଟା, ଆସିଷ୍ଟାଂଟ କଲେକ୍ଟର ଅଜୟ ମା ଣ୍ଡାଙ୍ଗୀ, ବିଜୁ ପଟ୍ଟନାୟକ ମହାବିଦ୍ୟାଳୟ ଗୋବିନ୍ଦପାଲ୍ଲୀ ଅଧ୍ୟକ୍ଷ ସୁଜିତ ବୋଷ, ମାଲକାନଗିରି ମହିଳା ମହାବିଦ୍ୟାଳୟ ର ଅଧ୍ୟକ୍ଷ ଦୁଷ୍ମନ୍ତ କୁମାର ଜେନା, ସମ୍ମାନିତ ଅତିଥି ରୂପେ ମାଲକାନଗିରି ମହାବିଦ୍ୟାଳୟର ବାଣିଜ୍ୟ ବିଭାଗ ମୁଖ୍ୟ ତଥା ଜିଲ୍ଲା ଯୁବ ରେଡ଼କ୍ରସର ଆବାହକ ଡକ୍ଟର ରଞ୍ଜନ କୁମାର ସ୍ୱାଇଁ ଯୋଗଦେଇ ବିଦାୟୀ ଉପଜିଲ୍ଲାପାଳ ଅକ୍ଷୟ କୁମାର ଖେମୁଣ୍ଡୁ ଙ୍କ ଗୁଣ ବଖାଣି ଥିଲେ । ଅନ୍ୟମାନଙ୍କ ମଧ୍ୟରେ ଗୌରୀ ବେହେରା, ସୁବ୍ରତ କୁମାର ଭଦ୍ର, ପ୍ରଶାନ୍ତ କୁମାର ପାଢ଼ୀ, ପରମାନନ୍ଦ ମହାପାତ୍ର, ପ୍ରଭାସିନୀ ମହାପାତ୍ର ଉପସ୍ଥିତ ଥିଲେ। ଏହି ବିଦାୟ କାଳୀନ ସମ୍ବର୍ଦ୍ଧନା ସଭାର ଉପସ୍ଥିତ ଅତିଥି ମାନେ ବିଦାୟୀ ଉପ ଜିଲ୍ଲାପାଳ ଅକ୍ଷୟ କୁମାର ଖେମୁଣ୍ଡୁଙ୍କ କାର୍ଯ୍ୟଦକ୍ଷତା, ନିଷ୍ଠାପରତା, ସମାଜ ସେବା,ସହଯୋଗୀତା, ଆଦିବାସୀ ସଂସ୍କୃତିର ପୁନର୍ଗଠନ କ୍ଷେତ୍ରରେ ଉପଜିଲ୍ଲାପାଳଙ୍କର ମୁଖ୍ୟ ଭୂମିକା ଥିଲା ସେ ଜଣେ ନିର୍ବାଚନ ଅଧିକାରୀ ଭାବରେ ତାଙ୍କର ଦକ୍ଷତା ତଥା ଆନ୍ତର୍ଜାତିକ ସ୍ତରରେ ତାଙ୍କର ସଫଳତା ଏବଂ ଜିଲ୍ଲା ସ୍ତରରେ ସମସ୍ତ ଶିକ୍ଷାନୁଷ୍ଠାନ ପ୍ରତି ରହିଥିବା ତାଙ୍କ ମହାନୁଭବତା ଉପରେ ଉପସ୍ଥିତ ଅତିଥି ତଥା ସମସ୍ତ ଅଧ୍ୟକ୍ଷ ମାନେ ସବିଶେଷ ବିବରଣୀ ପ୍ରଦାନ କରିଥିଲେ। ଏହି ବିଦାୟୀ ସମ୍ବର୍ଦ୍ଧନା ସଭାରେ ସମସ୍ତ ମହାବିଦ୍ୟାଳୟରୁ ପ୍ରାୟ ପାଂଚଶହ ଛାତ୍ର ଛାତ୍ରୀ ସହିତ ମାଲକାନଗିରି ଜିଲ୍ଲାର ସମସ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷ, ଅଧ୍ୟକ୍ଷା ଉପସ୍ଥିତ ରହିଥିଲେ। ସୁନ୍ଦର ଏବଂ ଶୃଙ୍ଖଳିତ ଆୟୋଜନ ପାଇଁ ଡାରଓ୍ୱିନ ମେମୋରିଆଲ ଡିଗ୍ରୀ କଲେଜ କୁଡୁମୁଲୁଗୁମ୍ଫାର ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା। ବିଦାୟୀ ଉପଜିଲ୍ଲାପାଳ ଅକ୍ଷୟ କୁମାର ଖେମୁଣ୍ଡୁଙ୍କ ଅଭିଭାଷଣ ପରେ ତାଙ୍କୁ ମାନପତ୍ର ସହ ଉପଢୌକନ ପ୍ରଦାନ କରାଯାଇଥିଲା। ସର୍ବଶେଷରେ ସୁବ୍ରତ କୁମାର ଭଦ୍ରଙ୍କ ଦ୍ୱାରା ଉପସ୍ଥିତ ସମସ୍ତ ଅଧ୍ୟକ୍ଷ, ଅଧ୍ୟାପକ, ଅଧ୍ୟାପିକା ତଥା ଛାତ୍ରଛାତ୍ରୀ ମାନଙ୍କୁ ଧନ୍ୟବାଦ ଅର୍ପଣ ପୂର୍ବକ ସଭା ସାଙ୍ଗ କରାଯାଇଥିଲା।

ଜନଜୀବନ ସୁରକ୍ଷା ଦୃଷ୍ଟିରୁ ଗହଳିପୂର୍ଣ୍ଣ ଛକ ଓ ରାସ୍ତାରୁ ଜବର ଦଖଲକୁ ହଟାଇବା ଉପରେ ଗୁରୁତ୍ୱାରୋପ

ସୁବର୍ଣ୍ଣପୁର, ୨୮/୨ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ରେ ଜିଲ୍ଲା ସଡକ ସୁରକ୍ଷା ସମିତି ର ମାସିକ ଆଲୋଚନା ସଭା ଅତିରିକ୍ତ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଅଶ୍ୱିନୀ କୁମାର ମେହେର, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବୀରେନ୍ଦ୍ର ନାୟକ ଓ ଆଂଚଳିକ ପରିବହନ ଅଧିକାରୀ ଶ୍ରୀ ଅକ୍ଷୟ କୁମାର ଜେନାଙ୍କ ସମେତ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ। ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ଅଞ୍ଜଳିନା ପ୍ରଧାନ ସମସ୍ତ ଅଧିକାରୀମାନଙ୍କୁ ଜିଲ୍ଲାର ଦୁର୍ଘଟଣା ଜନିତ ମୃତ୍ୟୁ ହାରକୁ ହ୍ରାସ କରିବା ନିମନ୍ତେ ସମସ୍ତେ ସଚେତନ ହୋଇ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏନ.ଏଚ ବିଭାଗ ଅଧୀନରେ ଥିବା ରାସ୍ତା ଉପରେ ଅବସ୍ଥିତ ଥିବା ବୃକ୍ଷ ମାନଙ୍କରେ ତୁରନ୍ତ ରେଡିଅମ୍ ରିଫ୍ଲେକ୍ଟର ଲଗାଇବା, ମୁଖ୍ୟ ଛକମାନଙ୍କରେ ରୟଳର ପାଇଁ ଜାତୀୟ ରାଜପଥ ନିର୍ବାହୀ ଯନ୍ତ୍ରୀ, ବଲାଙ୍ଗୀରଙ୍କୁ ନିର୍ଦ୍ଦେଶ ଦେଇଥିବା ବେଳେ, ସହରର ବୁଢ଼ାରଜା ଛକ ଓ ବ୍ଲକ ଛକରେ ଟ୍ରାଫିକ ବ୍ୟବସ୍ଥା ସହ ଟ୍ରାଫିକ ଉନ୍ନତି କରଣ ର ବ୍ୟବସ୍ଥା ପାଇଁ ଆର୍ ଆଣ୍ଡ ବି ର ନିର୍ବାହୀ ଯନ୍ତ୍ରୀଙ୍କୁ ତଥା ବ୍ଲକ ଛକରୁ କୁଞ୍ଜ ଛକ ପର୍ଯ୍ୟନ୍ତ ରାସ୍ତାରେ ଆଲୋକି କରଣ ନିମନ୍ତେ ପଦକ୍ଷେପ ନେବା ପାଇଁ ଇ.ଓ ମୁନିସିପାଲଟି ଙ୍କୁ ନିର୍ଦ୍ଦେଶ ଦେଇଥିଲେ। ରୋଡ ସେଫ୍ଟି କମିଟି ବୈଠକରେ ରାଜ୍ୟ ରାଜପଥ କୁ ଲାଗି ଥିବା ବିଦ୍ୟାଳୟ ମାନଙ୍କୁ ସଡ଼କ ସୁରକ୍ଷା ବାବଦ ରେ ଅବଗତ କରିବା ସହ ସୁରକ୍ଷା ସାଇନେଜ ବୋର୍ଡ ଲଗାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସହରର ମଧ ଭାଗରେ ଥିବା ନଳିନୀ ଛକ, ଷ୍ଟେଟ ବ୍ୟାଙ୍କ ରୋଡ, ଜୟଗୁରୁ ମାର୍କେଟ କମ୍ପ୍ଲେକ୍ସ ରୋଡ ପାଖରେ ସୋନପୁର ପୌର ନିର୍ବାହୀ ଅଧିକାରୀ ପାର୍କିଂ ବ୍ୟବସ୍ଥା କରିବା ପାଇଁ ପୂର୍ବ ପ୍ରସ୍ତାବ ହୋଇଥିଲେ ସୁଦ୍ଧା ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ହୋଇ ନଥିବାରୁ ବୈଠକରେ ସଭ୍ୟ ସଭ୍ୟା କ୍ଷୋଭ ପ୍ରକାଶ କରିଥିଲେ। ବ୍ଲକ୍ ଛକରୁ ଝୀଙ୍କି ପର୍ଯ୍ୟନ୍ତ ହେବାକୁ ଥିବା ରାସ୍ତା ପ୍ରଶସ୍ତି କରଣ କାର୍ଯ୍ୟକ୍ରମ କୁ ତ୍ୱରାନିତ କରିବା ପାଇଁ ଏନଏଚ ଅଧିକାରୀଙ୍କୁ କହିଥିଲେ। ଏବେ ନୂତନ ହସ୍ପିଟାଲ ଆରମ୍ଭ ହୋଇଥିବାରୁ ବୁଢ଼ାରଜା ଛକ ସଂଲଗ୍ନ ଉଠା ଦୋକାନ ତତ୍ ସଙ୍ଗେ ସଙ୍ଗେ ସହରର ପ୍ରମୁଖ ଛକରେ ଗଢି ଉଠିଥିବା ବେଆଇନ୍ ଜବର୍ ଦଖଲ କରୀଙ୍କୁ ଟ୍ରାଫିକ ସମସ୍ୟା ଦୂରୀକରଣ ପାଇଁ ଅତିଶିଘ୍ର ହଟେଇବା ପାଇଁ ବୈଠକରେ ଗୁରୁତ୍ୱାରୋପ କରାଯାଇଛି କ୍ଷ କାର୍ଯ୍ୟକ୍ରମ କୁ ଅଧିକ ଲୋକାଭିମୁଖୀ କରିବା ତଥା ଛାତ୍ର ଛାତ୍ରୀଙ୍କୁ ସଡ଼କ ସୁରକ୍ଷା ବିଷୟରେ ଅଧିକ ସଚେତନ କରିବା ପାଇଁ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡ଼ିକର ପ୍ରଧାନ ଶିକ୍ଷକ, ଅଧ୍ୟକ୍ଷ ଅଧ୍ୟକ୍ଷାଙ୍କୁ ନେଇ ଏକ ସଚେତନତା ବୈଠକ କରିବାକୁ ବୈଠକ ରେ ପରିବହନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପରି ଶେଷରେ ହେଲମେଟ ପରିଧାନ ନକରି ଗାଡି ନଚଲେଇବା ପାଇଁ ପରିବହନ ବିଭାଗ ଓ ପୋଲିସ ବିଭାଗର ଅଧିକାରୀଙ୍କୁ ଏ ଦିଗରେ କଠୋର ପଦକ୍ଷେପ ଗ୍ରହଣ କରିବା ସହ କଡ଼ା କଡ଼ି ଚେକିଙ୍ଗ କରିବା ଉପରେ ବୈଠକରେ ଆଲୋଚନା କରାଯାଇଛି ।

ଜିଲ୍ଲା ବିଜ୍ଞାନ କେନ୍ଦ୍ର ତଥା ପ୍ଲାନେଟୋରିୟମ ଉଦ୍‌ଘାଟନ ଓ ଭିତ୍ତି ପ୍ରସ୍ତର ସ୍ଥାପନ

ଭୁବନେଶ୍ୱର, ୨୮/୨ (ନି.ପ୍ର): ଜାତୀୟ ବିଜ୍ଞାନ ଦିବସ ଅବସରରେ ବୁଧବାର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ କୋରାପୁଟ ଜିଲ୍ଲା ଜୟପୁରରେ ଜିଲ୍ଲା ବିଜ୍ଞାନ କେନ୍ଦ୍ର, ରାୟଗଡାରେ ପ୍ଲାନେଟୋରିୟମ, କେନ୍ଦୁଝର ଜିଲ୍ଲା ଘଟଗାଁରେ ଜିଲ୍ଲା ବିଜ୍ଞାନ କେନ୍ଦ୍ର ଓ ପ୍ଲାନେଟୋରିୟମ ଓ ମୟୁରଭଞ୍ଜ ଜିଲ୍ଲା ବାରିପଦାଠାରେ ଜିଲ୍ଲା ବିଜ୍ଞାନ କେନ୍ଦ୍ର ଓ ପ୍ଲାନେଟୋରିୟମ ଉଦ୍‌ଘାଟନ କରିବା ସହିତ କଳାହାଣ୍ଡି, ବୌଦ୍ଧ, କେନ୍ଦ୍ରାପଡା, ଝାରସୁଗୁଡା, ଗଜପତି, ନୂଆପଡା ଓ ଜଗତସିଂହପୁର ଜିଲ୍ଲା ବିଜ୍ଞାନ କେନ୍ଦ୍ର ନିର୍ମାଣ ପାଇଁ ଭିତି ସ୍ଥାପନ କରିଛନ୍ତି।

କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ବିଜ୍ଞାନ ଓ ବିକାଶ ସମତାଳରେ ଆଗକୁ ବଢିଥାଏ। ବିଜ୍ଞାନ ବିନା ବିକାଶ ଅସମ୍ପୂର୍ଣ୍ଣ । ପ୍ରତିଦିନ ବିଜ୍ଞାନ ଓ ବୈଷୟିକ ଜ୍ଞାନକୌଶଳ ସମାଜର ବିଭିନ୍ନ କ୍ଷେତ୍ରରେ ପରିବର୍ତନ ଆଣୁଛି। ଶିକ୍ଷା କ୍ଷେତ୍ରରେ ଏହାର ବିଶେଷ ଗୁରୁତ୍ୱ ରହିଛି। ୫ଟି ସ୍କୁଲ ରୂପାନ୍ତରଣରେ ଆଜି ବୈଷୟିକ ଜ୍ଞାନକୌଶଳକୁ ବ୍ୟବହାର କରି ସ୍ମାର୍ଟ କ୍ଲାସ ରୁମ୍, ଇ- ଲାଇବ୍ରେରୀ, ମଡର୍ଣ୍ଣ ଲାବୋରଟୋରୀ ଆଦି ବିକାଶ କରାଯାଇଛି।

ପ୍ରତି ଜିଲ୍ଲାରେ ବିଜ୍ଞାନ କେନ୍ଦ୍ର ଖୋଲିବା ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ବିଜ୍ଞାନକୁ ଲୋକପ୍ରିୟ କରିବା ଓ ବୈଷୟିକ ଜ୍ଞାନକୈଶଳର ବ୍ୟବହାରରେ ବୃଦ୍ଧି ପାଇଁ ରାଜ୍ୟ ସରକାର ପ୍ରତି ଜିଲ୍ଲାରେ ବିଜ୍ଞାନ କେନ୍ଦ୍ର ଖୋଲିବା ପାଇଁ ନିଷ୍ପତି ନେଇଛନ୍ତି। ଏଥି ସହିତ ପ୍ଲାନେଟୋରିୟମ ତଥା ସ୍କୁଲମାନଙ୍କରେ ଇନୋଭେସନ୍ ସେଂଟର ଖୋଲିବାକୁ ମଧ୍ୟ ନିଷ୍ପତି ନିଆଯାଇଛି। ଆଗାମୀ ଦିନରେ ଭଦ୍ରକରେ ବିଜ୍ଞାନ କେନ୍ଦ୍ର ଏବଂ ବଲାଙ୍ଗିର, ସୁନ୍ଦରଗଡ ଓ ଗଂଜାମ ଜିଲ୍ଲାରେ ବିଜ୍ଞାନ କେନ୍ଦ୍ର ସହିତ ପ୍ଲାନେଟୋରିୟମ ମଧ୍ୟ ଖୋଲାଯିବ। ଏହି ସବୁ ବିଜ୍ଞାନ କେନ୍ଦ୍ର ଓ ପ୍ଲାନେଟୋରିୟମ ପିଲାମାନଙ୍କ ମଧ୍ୟରେ ବିଜ୍ଞାନ ପ୍ରତି ଆଗ୍ରହ ସୃଷ୍ଟି କରିବାରେ ସଫଳ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶା ବ୍ୟକ୍ତ କରିଛନ୍ତି। ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଥିଲେ ଯେ ମୁଁ ଚାହେଁ ମୋ ରାଜ୍ୟର ପିଲାମାନେ ବିଜ୍ଞାନ ଓ ବୈଷୟିକ ଜ୍ଞାନକୌଶଳ କ୍ଷେତ୍ରରେ ଆଗରେ ରୁହନ୍ତୁ। ଦକ୍ଷ ହୁଅନ୍ତୁ ଓ ଓଡିଶାର ସୁନାମ ବୃଦ୍ଧି କରନ୍ତୁ। ଏଥି ସହିତ ମୁଖ୍ୟମନ୍ତ୍ରୀ ନୂଆ ଓଡିଶା ଗଠନର ସ୍ୱପ୍ନକୁ ସାକାର କରିବା ପାଇଁ ସମ୍ମିଳିତ ଭାବେ କାମ କରିବା ପାଇଁ ଆହ୍ୱାନ ଦେଇଥିଲେ।

ସୂଚନାଯୋଗ୍ୟ ଯେ ୫ଟି ଉପକ୍ରମରେ ନିର୍ମିତ ପ୍ରତ୍ୟେକ ବିଜ୍ଞାନ କେନ୍ଦ୍ର ପାଇଁ ୬.୫ କୋଟି ଟଙ୍କା, ପ୍ଲାନେଟୋରିୟମ ପାଇଁ ୧୫ କୋଟି ଟଙ୍କା ଏବଂ ବିଜ୍ଞାନ କେନ୍ଦ୍ର ତଥା ପ୍ଲାନେଟୋରିୟମ ପାଇଁ ୨୧.୫ କୋଟି ଟଙ୍କା ଖର୍ଚ୍ଚ ହୋଇଛି।

କାର୍ଯ୍ୟକ୍ରମରେ ରାଜ୍ୟ ବିଜ୍ଞାନ ଓ ବୈଷୟିକ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଜୟପୁରରେ ଯୋଗଦେଇ କହିଥିଲେ ଯେ ମୁଖ୍ୟମନ୍ତ୍ରୀଙ୍କ ବିଜ୍ଞାନକୁ ଲୋକପ୍ରିୟ କରିବାର ଏହି ଉଦ୍ୟମ ଆଗାମୀ ଦିନରେ ଛାତ୍ରଛାତ୍ରୀଙ୍କ ପାଇଁ ବହୁ ଉପାଦେୟ ସାବ୍ୟସ୍ତ

ବିବିଧ ବିଶ୍ୱ
ଦେଶବିଦେଶର ଜଣାଅଜଣା
୩
ଧ୍ୱନି ପ୍ରତିଧ୍ୱନି
♣ ବାଲେଶ୍ୱର ♣ ଫେବୃଆରୀ ୨୯ ଗୁରୁବାର, ୨୦୨୪

ଏହି ଦିନଗୁଡିକରେ ଆରମ୍ଭ କରନ୍ତୁ ଗୃହ ନିର୍ମାଣ: ଆସିବ ନାହିଁ ସମସ୍ୟା

ପ୍ରତ୍ୟେକଟି ପକ୍ଷରେ ପନ୍ଦରଟି ତିଥି ହୋଇଥାଏ। ଏହି ପ୍ରତ୍ୟେକର ବିଶେଷତା ରହିଛି। ବାସ୍ତୁଶାସ୍ତ୍ରରେ ଗୃହ ନିର୍ମାଣ ଆରମ୍ଭ ପାଇଁ ଶୁଭ ଓ ଅଶୁଭ ତିଥିର ନିର୍ଦ୍ଧାରଣ କରାଯାଇଛି। ସେଗୁଡ଼ିକ ନିମ୍ନରେ ଆପଣଙ୍କର ଅବଗତ ନିମନ୍ତେ ଦିଆଯାଉଛି। ଏହା ଜାଣି ରଖନ୍ତୁ।

ମନୁଷ୍ୟ ଏହି ପ୍ରକୃତିର ଏକ ମହତ୍ତ୍ୱପୂର୍ଣ୍ଣ ଅଂଶ। ଆମ ଦର୍ଶନ ଶାସ୍ତ୍ରରେ ଅଛି ପ୍ରକୃତି ଓ ପୁରୁଷର ମିଳନରେ ଏହି ଜୀବଜଗତର ସୃଷ୍ଟି। ଏଣୁ ପ୍ରକୃତିରେ କୌଣସି ବି ପରିବର୍ତ୍ତନ ହେଲେ ଏହାର ପ୍ରଭାବ ଆମ ଜୀବନ ଉପରେ ପଡ଼ିଥାଏ। ଏହି ପ୍ରକୃତିର ସୂର୍ଯ୍ୟ, ଚନ୍ଦ୍ର ଏବଂ ଅନ୍ୟ ଗ୍ରହ, ନକ୍ଷତ୍ର ଆଦିଙ୍କର ବିକିରଣ ରଶ୍ମି ମନୁଷ୍ୟ ଉପରେ ଅନେକ ପ୍ରଭାବ ପକାଇଥାଏ।

ଯେହେତୁ ମନୁଷ୍ୟ ଶରୀର ପ୍ରକୃତିର ପାଞ୍ଚତତ୍ତ୍ୱ (ପୃଥିବୀ, ଆକାଶ, ଜଳ, ବାୟୁ ଓ ଅଗ୍ନି) ଦ୍ୱାରା ଗଢ଼ା ଏଣୁ ପ୍ରକୃତିର ପରିବର୍ତ୍ତନ ଦ୍ୱାରା ଏହି ପଞ୍ଚତତ୍ତ୍ୱ ପ୍ରଭାବିତ ହୋଇଥାଏ ଏବଂ ଏହି ପ୍ରକୃତିର ପଞ୍ଚତତ୍ତ୍ୱ, ମଣିଷ ଶରୀରର ପଞ୍ଚତତ୍ତ୍ୱ ଉପରେ ସକାରାତ୍ମକ କିମ୍ବା ନକାରାତ୍ମକ ପ୍ରଭାବ ପକାଇଥାଏ।

ମଣିଷ ବଞ୍ଚିବା ବା ଚଳିବା ପାଇଁ ତିନୋଟି ମୁଖ୍ୟ ଜିନିଷ ଉପରେ ନିର୍ଭର କରିଥାଏ ତାହା ହେଲା ଖାଦ୍ୟ, ବସ୍ତ୍ର ଓ ବାସଗୃହ। ଆମେ ଆକାଶ ତତ୍ତ୍ୱକୁ ଏହି ବାସ୍ତୁ ଶାସ୍ତ୍ରରେ ବାସଗୃହକୁ ମୁଖ୍ୟ ଭାବରେ ନେଇ ପ୍ରକୃତିର ବାସଗୃହ ଉପରେ ସକରାତ୍ମକ ପ୍ରଭାବ ପଡ଼ିବା ପାଇଁ ଚେଷ୍ଟା କରୁଛେ ।

ଶୁଭ ପ୍ରଭାବ ପଡିଲେ ହିଁ ଆମେ ବାସଗୃହରେ ରହି ଶୁଭଫଳ ପାଇବା ଅନ୍ୟଥା ଦୁଃଖ ଦୁର୍ଦ୍ଦଶା ଭୋଗ କରିବା। ଏଣୁ

ଜ୍ଞାନୀଗୁଣୀ ଲୋକମାନେ ବାସଗୃହ ନିର୍ମାଣ ପୂର୍ବରୁ ବାସ୍ତୁର ସମସ୍ତ ନିୟମ ପାଳନ କରିଥାନ୍ତି। କିନ୍ତୁ ଏବେ ବି ବହୁତ ଲୋକ ବାସ୍ତୁକୁ କେବଳ ରୋଷେଇ ଘର, ଗାଧୁଆ ଓ ପାଇଖାନା ଘର, ଶୟନ କକ୍ଷ ଭିତରେ ସିମିତ ରଖିଛନ୍ତି।

ସେମାନେ ଭାବୁଛନ୍ତି ଅଗ୍ନିକୋଣରେ ରୋଷେଇ ଘର, ଦକ୍ଷିଣ-ପଶ୍ଚିମ କୋଣରେ ଶୟନ ଗୃହ ଏହିପରି ପ୍ଲାନ୍‌ଟିଏ କରି ଗୃହ ନିର୍ମାଣ କରୁଛନ୍ତି ଏବଂ ଯେତେବେଳେ ସମସ୍ୟାରେ ପଡୁଛନ୍ତି ସେତେବେଳେ କୁହନ୍ତି ଆମେ ତ ବାସ୍ତୁ ହିସାବରେ ଗୃହ କରିଛୁ ପୁଣି ଅସୁବିଧା କାହିଁକି ହେଉଛି।

ତେବେ କେଉଁ କୋଣ ଏବଂ କେଉଁ ଦିଗରେ କ'ଣ ରହିବା କଥା ଏହା ଘର ପ୍ଲାନ୍ ଦେଉଥିବା ଇଞ୍ଜିନିୟର ଏବଂ ସାଧାରଣ ଲୋକ ସମସ୍ତେ ଜାଣନ୍ତି। ଏହା ବାସ୍ତୁର ଏକ ମୁଖ୍ୟ କଥା କିନ୍ତୁ ଏହା ସମ୍ପୂର୍ଣ୍ଣ ବାସ୍ତୁ ନୁହେଁ। ଏଣୁ ଶୁଭ ତିଥିର ଜ୍ଞାନ ହେବା ନିହାତି ଆବଶ୍ୟକ। ସୂର୍ଯ୍ୟଙ୍କର ପ୍ରଭାବ ଦ୍ୱାରା ଦିନ ଓ ରାତି ହୋଇଥାଏ। ଚନ୍ଦ୍ରଙ୍କର ପ୍ରଭାବ ଦ୍ୱାରା ପକ୍ଷର ବିଚାର କରାଯାଇଥାଏ। ଅମାବାସ୍ୟାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ଶୁକ୍ଳପକ୍ଷ ଏବଂ ପୂର୍ଣ୍ଣିମାରୁ ଅମାବାସ୍ୟା ପର୍ଯ୍ୟନ୍ତ କୃଷ୍ଣ ପକ୍ଷ।

ପ୍ରତ୍ୟେକଟି ପକ୍ଷରେ ପନ୍ଦରଟି ତିଥି ହୋଇଥାଏ। ଯାହାର ନାମ ପ୍ରତିପଦା, ଦ୍ୱିତୀୟା, ତୃତୀୟା, ଚତୁର୍ଥୀ, ପଞ୍ଚମୀ, ଷଷ୍ଠୀ, ସପ୍ତମୀ, ଅଷ୍ଟମୀ, ନବମୀ, ଦଶମୀ, ଏକାଦଶୀ, ଦ୍ୱାଦସୀ, ତ୍ରୟୋଦଶୀ, ଚତୁର୍ଦ୍ଦସୀ ଓ ଶୁକ୍ଳପକ୍ଷରେ ପୂର୍ଣ୍ଣମୀ ତିଥି ଓ କୃଷ୍ଣପକ୍ଷରେ ଅମାବାସ୍ୟା ତିଥି। ଏହି ପ୍ରତ୍ୟେକର ବିଶେଷତା ରହିଛି। ବାସ୍ତୁଶାସ୍ତ୍ରରେ ଗୃହ ନିର୍ମାଣ ଆରମ୍ଭ ପାଇଁ ଶୁଭ ଓ ଅଶୁଭ ତିଥିର ନିର୍ଦ୍ଧାରଣ କରାଯାଇଛି। ସେଗୁଡ଼ିକ ନିମ୍ନରେ ଆପଣଙ୍କର ଅବଗତ ନିମନ୍ତେ ଦିଆଯାଉଛି। ଏହା ଜାଣି ରଖନ୍ତୁ।

<u>ଶୁଭ ତିଥି:</u>

ଦ୍ୱିତୀୟା, ତୃତୀୟା, ଷଷ୍ଠୀ, ସପ୍ତମୀ, ଦଶମୀ, ଏକାଦଶୀ, ଦ୍ୱାଦସୀ, ତ୍ରୟୋଦଶୀ।

<u>ଅଶୁଭ ତିଥି:</u>

ପ୍ରତିପଦା, ଚତୁର୍ଥୀ, ଅଷ୍ଟମୀ, ନବମୀ, ଚତୁର୍ଦ୍ଦଶୀ, ଅମାବାସ୍ୟା ପ୍ରତିପଦାରେ ଗୃହ ଆରମ୍ଭ କଲେ ଗୃହକର୍ତ୍ତା ଏବଂ ଗୃହବାସୀଙ୍କ ଧନ ଅଭାବ ବା ଦାରିଦ୍ରତା ଆସିଥାଏ ଏବଂ ଗୃହକାମ ଅଧାରୁ ଅଟକି ଯିବାର ସମ୍ଭାବନା ଥାଏ। ଏଣୁ ତିଥିର ବିଚାର କରି ଗୃହ ଆରମ୍ଭ କଲେ ଅଶୁଭ ଫଳ ମିଳି ନ ଥାଏ।

ଖରାଦିନେ କେଶ ଓ ତ୍ୱଚାର ଯତ୍ନ

ଖରାଦିନ ଆରମ୍ଭ ହେଲାଣି। ଏହି ଦିନରେ ତ୍ୱଚା ସହ ଆମ କେଶର ମଧ୍ୟ ସଠିକ୍ ଭାବେ ଯତ୍ନ ନେବା ନିତାନ୍ତ ଆବଶ୍ୟକ। କାରଣ ଏହି ଦିନରେ ପ୍ରଦୂଷଣ, ସୂର୍ଯ୍ୟକିରଣ ଆଦି କାରଣରୁ କେଶ ଉପରେ କୁପ୍ରଭାବ ପଡ଼ିଥାଏ ଏବଂ କେଶ ଶୁଷ୍କ ଓ ରୁକ୍ଷ ହୋଇଯାଏ। ଏପରି କ୍ଷେତ୍ରରେ ଆପଣଙ୍କୁ ନିଜ କେଶ ପ୍ରତି ବିଶେଷ ଧ୍ୟାନ ଦେବାକୁ ପଡ଼ିବ। ଖରାଦିନରେ ଝାଳ ହେତୁ କେଶ ଅଠା ଭଳି ଲାଗିଥାଏ। କିଛି ସରଳ ଉପାୟ ଆପଣାଇ ଆମେ କେଶର ଯତ୍ନ ନେଇପାରିବା।

ଏହି ଦିନରେ ଫଳ ଓ ପନିପରିବା ପ୍ରଚୁର ପରିମାଣରେ ଖାଆନ୍ତୁ। ଏହା ଶରୀର ସହ କେଶକୁ ସୁସ୍ଥ ରଖିଥାଏ। କମଳା, ଅମୃତଭଣ୍ଡା, ଜାମୁକୋଳି ଆଦିରେ ଭିଟାମିନ-ସି ଅଧିକ ପରିମାଣରେ ରହିଛି, ଯାହା କେଶକୁ ଉପଯୁକ୍ତ ପରିମାଣରେ ପୋଷକ ତତ୍ତ୍ୱ ପ୍ରଦାନ କରିଥାଏ। କେଶକୁ ଶୁଷ୍କ ହେବାକୁ ଦେଇନଥାଏ।

ଏମିତି ଶାମ୍ପୁ ବ୍ୟବହାର କରନ୍ତୁ, ଯେଉଁଥିରେ ନିମ୍ବ, କର୍ପୂର, ମନ୍ଦାର, ଘିକୁଆଁରୀ, ଭିଟାମିନ୍-ଇ ଆଦି ରହିଥିବ।

ସାମ୍ପୁ କରିବା ପରେ କେଶରେ ଲେମ୍ବୁରସ ଲଗାଇ କିଛି ସମୟ ଛାଡ଼ି ଦିଅନ୍ତୁ। ପରେ ପାଣିରେ ଧୋଇ ଦିଅନ୍ତୁ। ଏହାଦ୍ୱାରା କେଶ ଚମକଦାର ରହିବା ସହ ରୁପି ସମସ୍ୟା ମଧ୍ୟ ଦୂର ହେବ।

ଏକ କପ୍ ଗ୍ରିନ୍ ଟି'ରେ କିଛି ବୁନ୍ଦା ପିପରମେଣ୍ଟ, ସିରକା, ଦହି, ଏକ ଚାମଚ ମହୁ ଓ ଲେମ୍ବୁରସ ମିଶାଇ ଲଗାଇହେବ। ଏହି ପ୍ୟାକ୍ ଲଗାଇବା ପୂର୍ବରୁ କେଶକୁ ଷ୍ଟିମ୍ ଦିଅନ୍ତୁ।

ବେସନ ଓ ଦହିକୁ ମିଶାଇ ଏକ ପ୍ୟାକ୍ ତିଆରି କରି ମୁଣ୍ଡରେ ଲଗାନ୍ତୁ। ୧୦-୧୫ ମିନିଟ୍ ପରେ ଧୋଇ ଦିଅନ୍ତୁ, ତେ?ଳାଂଶ ଦୂର ହେବ।

ତ୍ୱଚାର ଯତ୍ନ

ଆପଣ ଯେଉଁଆଡ଼େ ବି ଯାଇଥା'ନ୍ତୁ ଘରେ ପହଞ୍ଚିଲା ମାତ୍ରେ ପ୍ରଥମେ ଭଲ ଭାବେ ମୁହଁ ଧୋଇ ସଫା କରି ଦିଅନ୍ତୁ।

ଗୋଟେ ଚାମଚ ବେସନ, ଅଳ୍ପ ହଳଦୀ ଓ ଗୋଟେ ଚାମଚ ଗ୍ରିନ୍ ଟି ମିଶାଇ ଏକ ମିଶ୍ରଣ ପ୍ରସ୍ତୁତ କରନ୍ତୁ। ଏହାକୁ ମୁହଁରେ ଲଗାଇ ୨୦ ମିନିଟ୍ ରଖନ୍ତୁ। ୨୦ ମିନିଟ୍ ପରେ କିଛି ଗୋଲାପ ଜଳକୁ ତୁଳା ସାହାଯ୍ୟରେ ନେଇ ମୁହଁରେ ଲଗାନ୍ତୁ। ଏହାପରେ ଭଲ ଭାବେ ମସାଜ୍ କରି ଧୋଇ ଦିଅନ୍ତୁ। ଏପରି କରିବା ଦ୍ୱାରା ମୁହଁର ବ୍ରଣ ସମସ୍ୟା ଦୂର ହୋଇ ମୁହଁକୁ ସୁନ୍ଦର କରିଥାଏ।

୨ ଚାମଚ କ୍ଷୀରରେ ଅଳ୍ପ ମହୁ ମିଶାଇ ଏହାକୁ ମୁହଁରେ ଲଗାନ୍ତୁ। ୨୦ରୁ ୩୦ ମିନିଟ୍ ରଖିବା ପରେ ଧୋଇ ଦିଅନ୍ତୁ। ଏହାକୁ ନିୟମିତ ୩ ଦିନକୁ ଥରେ ଲଗାଇବା ଦ୍ୱାରା ମୁହଁରେ ବୟସ ବୃଦ୍ଧିର ଛାପ ଜଣା ପଡ଼େନାହିଁ।

ମୃତ୍ତିକାରେ ପଟାସ୍ ହ୍ରାସ ଚିନ୍ତାରେ ସାରା ବିଶ୍ୱ

ଏଡିନ୍‌ବର୍ଗ ବିଶ୍ୱବିଦ୍ୟାଳୟ ଓ ୟୁକେ ସେଣ୍ଟର ଫର ଇକୋଲୋଜି ଆଣ୍ଡ୍ ହାଇଡ୍ରୋଲୋଜିର ଗବେଷକମାନେ ଚଳାଇଥିବା ଏକ ଅନୁଧ୍ୟାନ ଅନୁଯାୟୀ, ମୃତ୍ତିକାରେ ଦିନକୁ ଦିନ ପୋଟାସିଅମ୍ ପରିମାଣ ହ୍ରାସ ହେବାରେ ଲାଗିଛି। ବିଶ୍ୱର ଅନେକ ଅଞ୍ଚଳରେ ଉପୁଜିଥିବା ଏଭଳି ସ୍ଥିତି କୃଷି ବୈଜ୍ଞାନିକମାନଙ୍କ ଚିନ୍ତା ବଢ଼ାଇଦେଇଛି।

ଭଲ ଉତ୍ପାଦନ ପାଇଁ ଆମେ କ୍ଷେତରେ ବିଭିନ୍ନ ପ୍ରକାର ରାସାୟନିକ ସାର ପ୍ରୟୋଗ କରିଥାଉ। ତେବେ ସମ୍ପ୍ରତି ବିଲବାଡ଼ିରେ ଯେତିକି ପୋଟାସିଅମ୍ କୃତ୍ରିମ ଭାବେ ପକାଯାଉଛି, ତାହାଠୁ ଅଧିକ ପରିମାଣର ପୋଟାସିଅମ୍ ମାଟିରୁ କ୍ଷୟ ହୋଇଯାଉଛି ବୋଲି ଜଣାପଡ଼ିଛି। ଏଭଳି ସ୍ଥିତିକୁ ଯଦି ନିୟନ୍ତ୍ରଣକୁ ଅଣାନଯାଏ, ତେବେ ବିଶ୍ୱର ଖାଦ୍ୟ ସୁରକ୍ଷା ବିପନ୍ନ ହୋଇପଡ଼ିବ ବୋଲି ଗବେଷକମାନେ ଆଶଙ୍କା ପ୍ରକଟ କରିଛନ୍ତି। ଉଲ୍ଲେଖଯୋଗ୍ୟ, ପୋଟାସିଅମ୍ ହେଉଛି ଉଦ୍ଭିଦର ଏକ ଗୁରୁତ୍ୱପୂର୍ଣ୍ଣ ପୋଷକ, ଯାହା ଉଦ୍ଭିଦର ଆଲୋକ ସଂଶ୍ଳେଷଣ ଓ ଶ୍ୱାସକ୍ରିୟାରେ ସାହାଯ୍ୟ କରିଥାଏ। ଏହାର ଅଭାବ ଘଟିଲେ ଉଦ୍ଭିଦର ବୃଦ୍ଧିରେ ବାଧା ସୃଷ୍ଟି ହେବା ସହ ଉତ୍ପାଦକତା ମଧ୍ୟ କମିଯାଏ। ତେଣୁ କୃଷକମାନେ ପୋଟାସିଅମ୍‌ର ଅଭାବକୁ ଭରଣା କରିବା ଲାଗି କ୍ଷେତରେ ବିଭିନ୍ନ ପ୍ରକାର ପୋଟାସିଅମ୍ ସମ୍ବଳିତ ସାର ପକାଇଥା'ନ୍ତି।

କୃଷିର ବହୁଳତା ଏବଂ ଫସଲ ଉତ୍ପାଦକତାକୁ ପ୍ରାଧାନ୍ୟ ଦେବା ଯୋଗୁଁ ଦକ୍ଷିଣ-ପୂର୍ବ ଏସିଆର ୪୪ ପ୍ରତିଶତ କ୍ଷେତ, ଲାଟିନ୍ ଆମେରିକାର ୩୯ ପ୍ରତିଶତ କ୍ଷେତ, ସାହାରା-ଆଫ୍ରିକାର ୩୦ ପ୍ରତିଶତ ଓ ପୂର୍ବ ଏସିଆର ୨୦ ପ୍ରତିଶତ କ୍ଷେତ ଏହି ସମସ୍ୟାରେ ଜର୍ଜରିତ।

ଗବେଷକମାନଙ୍କ ଆକଳନ ଅନୁଯାୟୀ, ହାରାହାରି ବିଶ୍ୱର ପ୍ରାୟ ୨୦ ପ୍ରତିଶତ କୃଷିକ୍ଷେତ୍ରର ମୃତ୍ତିକା ପୋଟାସିଅମ୍ ଅଭାବର ଶିକାର ହୋଇଛନ୍ତି। କୃଷିର ବହୁଳତା ଏବଂ ଫସଲ ଉତ୍ପାଦକତାକୁ ପ୍ରାଧାନ୍ୟ ଦେବା ଯୋଗୁଁ ଦକ୍ଷିଣ-ପୂର୍ବ ଏସିଆର ୪୪ ପ୍ରତିଶତ କ୍ଷେତ, ଲାଟିନ୍ ଆମେରିକାର ୩୯ ପ୍ରତିଶତ କ୍ଷେତ, ସାହାରା-ଆଫ୍ରିକାର ୩୦ ପ୍ରତିଶତ ଓ ପୂର୍ବ ଏସିଆର ୨୦ ପ୍ରତିଶତ କ୍ଷେତ ଏହି ସମସ୍ୟାରେ ଜର୍ଜରିତ। ତେବେ ଉକ୍ତ ସାର ମୂଲ୍ୟରେ ବେଳେ ବେଳେ ଅକଳ୍ପନୀୟ ବୃଦ୍ଧି ଯୋଗୁଁ ସାଧାରଣ ଚାଷୀ ବିଲରେ ପୋଟାସିଅମ୍ ପକାଇବା ସମ୍ଭବ ହେଉନାହିଁ। ଉଦାହରଣ ସ୍ୱରୂପ, ୨୦୨୨ ଏପ୍ରିଲ୍‌ରେ ପଟାସ୍ ସାରର ମୂଲ୍ୟ ପୂର୍ବ ବର୍ଷ ତୁଳନାରେ ୫୦୦ ପ୍ରତିଶତ ବଢ଼ିଥିଲା। ଅପରପକ୍ଷେ, ଖଣିମାନଙ୍କରୁ କୃଷି ଚାହିଦାନୁଯାୟୀ ମାତ୍ରାଧିକ ପୋଟାସିଅମ୍ ଖନନ କରିବା ମଧ୍ୟ ପରିବେଶ ଉପରେ କୁପ୍ରଭାବ ପକାଇବ। କାରଣ ଖଣିଜପଥରରୁ ପଟାସ୍ ନିଷ୍କାସନ କରିବା ପ୍ରକ୍ରିୟାରେ ବହୁତ ପରିମାଣର ଲବଣାକ୍ତ ଖଦ ନିର୍ଗତ ହୋଇଥାଏ ଯାହା ମାଟିରେ ମିଶି ମୃତ୍ତିକା ଓ ଜଳକୁ ଲବଣାକ୍ତ କରିବା ସହ ଉଦ୍ଭିଦ ଓ ପ୍ରାଣୀମାନଙ୍କ ପାଇଁ କ୍ଷତିକାରକ ହୋଇଥାଏ। ତେଣୁ ଏଭଳି ସ୍ଥିତିର ମୁକାବିଲା ନିମନ୍ତେ ଆନ୍ତର୍ଜାତିକ ସହଯୋଗ ଭିତ୍ତିରେ ପଟାସ୍‌ର ସୁପରିଚାଳନା ପାଇଁ ଗବେଷକମାନେ ପରାମର୍ଶ କରିଛନ୍ତି। ବିଶେଷ କରି ନାଇଟ୍ରୋଜେନ୍ ଓ ଫସ୍‌ଫରସ୍ ପରି ଅନ୍ୟ ରାସାୟନିକ ପୋଷକର ପରିଚାଳନାରେ ପୋଟାସିଅମ୍‌କୁ ସାମିଲ କରି କିପରି ଜମିର ପୋଟାସିଅମ୍ ସ୍ତର ସହ ଉତ୍ପାଦକତା ବଢ଼ାଯାଇପାରିବ, ସେ ଦିଗରେ ଅଧିକ ଗବେଷଣା ଜରୁରୀ ହୋଇପଡ଼ିଛି।

ଆଜୀବନ ଆଲର୍ଜିର ନୂଆ କାରଣ

ବେଳେ ବେଳେ ଚର୍ମ କୁଣ୍ଡାଇହେବା ବା ଫଳିଯିବା ପରି ଆଲର୍ଜି ବା ଚର୍ମବିକାର ଦେଖାଯାଇଥାଏ। କିଛି ଆଲର୍ଜି ଧୀରେ ଧୀରେ ଉଭେଇଯାଉଥିବା ବେଳେ ଆଉ କିଛି ସାରା ଜୀବନ ବଜାୟ ରହିଥାଏ। ଦୀର୍ଘକାଳୀନ ଆଲର୍ଜି ପାଇଁ ଆମ ଶରୀରର ଏକପ୍ରକାର ରୋଗପ୍ରତିରୋଧକ ଜୀବକୋଷ ଦାୟୀ ବୋଲି ଦୁଇଟି ନୂଆ ଗବେଷଣାରୁ ଜଣାପଡ଼ିଛି। ଗବେଷକମାନଙ୍କ ସିଦ୍ଧାନ୍ତ ଅନୁଯାୟୀ, ଏହି ସ୍ୱତନ୍ତ୍ର ଧରଣର ଜୀବକୋଷଗୁଡ଼ିକ 'ଇମ୍ୟୁନୋଗ୍ଲୋବୁଲିନ୍-ଜି' ନାମକ ଆଣ୍ଟିବଡି ସୃଷ୍ଟି କରିଥା'ନ୍ତି ଯାହା ଆଲର୍ଜି ସହ ଆଦୌ ଜଡ଼ିତ ନୁହେଁ। ତେବେ ସେହି କୋଷଗୁଡ଼ିକ 'ଇମ୍ୟୁନୋଗ୍ଲୋବୁଲିନ୍ ?-ଇ' ନାମକ ଅନ୍ୟ ଏକ ଆଣ୍ଟିବଡି ସୃଷ୍ଟି କରିଥା'ନ୍ତି ଯାହା ଆଲର୍ଜି ସହ ଜଡ଼ିତ। କିଛି ଆଲର୍ଜି ଧୀରେ ଧୀରେ ଉଭେଇଯାଉଥିବା ବେଳେ ଆଉ କିଛି ସାରା ଜୀବନ ବଜାୟ ରହିଥାଏ। ଦୀର୍ଘକାଳୀନ ଆଲର୍ଜି ପାଇଁ ଆମ ଶରୀରର ଏକପ୍ରକାର ରୋଗପ୍ରତିରୋଧକ ଜୀବକୋଷ ଦାୟୀ ବୋଲି ଦୁଇଟି ନୂଆ ଗବେଷଣାରୁ ଜଣାପଡ଼ିଛି। ଏହି ଆଣ୍ଟିବଡିଗୁଡ଼ିକ ଶରୀର ସଂସ୍ପର୍ଶରେ ଆସୁଥିବା ଆଲର୍ଜି ସୃଷ୍ଟିକାରୀ ପରଜୀବୀ ସହ ଲଢ଼ିବାରେ ସାହାଯ୍ୟ କରିବା କଥା, ମାତ୍ର ସେମାନେ ଆଦୌ କ୍ଷତି କରୁନଥିବା ପ୍ରୋଟିନ୍? ପଛରେ ପଡ଼ିଯାଇଥା'ନ୍ତି। ଏହି ଉପକୋଷିକାଗୁଡ଼ିକ ହେଉଛନ୍ତି ଏକପ୍ରକାର ମେମୋରି-ବି କୋଷ, ଯିଏ ଆଲର୍ଜି ସୃଷ୍ଟିକାରୀ ବାହ୍ୟ ଭୂତାଣୁ ଓ ବୀଜାଣୁମାନଙ୍କୁ ମନେ ରଖିଥା'ନ୍ତି। ସେଗୁଡ଼ିକ ଶରୀରରେ ଦୀର୍ଘ ଦିନ ପାଇଁ ଏପରିକି ବର୍ଷ ବର୍ଷ ଧରି ରହିଯାଆନ୍ତି।

ଗୃହ ନିର୍ମାଣର ତ୍ରୁଟି ଯୋଗୁଁ ଅନେକ ସମସ୍ୟା ଭୋଗିବାକୁ ପଡେ। ଏହି କାରଣର ଘରେ ଅଶାନ୍ତି ମଧ୍ୟ ଦେଖାଯାଏ। ତେବେ ଅନେକ ସମୟରେ ଗୃହବାସୀଙ୍କ ଆଚାର ବିଚାରରେ ପରିବର୍ତ୍ତନ ଯୋଗୁଁ ଏହି ସମସ୍ୟା ମଧ୍ୟ ସମାଧାନ ହୋଇପାରେ। ଆସନ୍ତୁ ଜାଣିବା...

ଘରେ ଯଦି ସବୁବେଳେ ଅଶାନ୍ତି ଲାଗି ରହୁଛି ତେବେ ମାନନ୍ତୁ ଏହି ୪ ନିୟମ, ଖେଳିଯିବ ଶାନ୍ତି

ବାସ୍ତୁ ବିଦ୍ୟା ଭାଙ୍ଗିବାର ଶାସ୍ତ୍ର ନୁହେଁ ଏହା ଗଢିବା ବା ନିର୍ମାଣ କରିବାର ବିଦ୍ୟା। ବାସ୍ତୁ ଶାସ୍ତ୍ରର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ପ୍ରକୃତି ବା ପରିବେଶରେ ଅନୁକୂଳତା ରକ୍ଷା କରି ଭବନ, ନଗର ଆଦି ନିର୍ମାଣ କରିବା। ଏହା ମାଧ୍ୟମରେ ଆମେ ଆମର ଆବାସ ସ୍ଥଳକୁ ଉର୍ଜାବାନ କରି ନିଜର ଅନୁକୂଳ କରିପାରିବା।

ଏହା ଏକ ଏପରି ବିଜ୍ଞାନ ଯାହାର ପ୍ରଭାବ ବ୍ୟକ୍ତିର ଜୀବନ ଉପରେ ଏବଂ ତା'ର ପାରିପାର୍ଶ୍ୱିକ ଅବସ୍ଥା ଉପରେ ପଡିଥାଏ। ବାସ୍ତୁର ବ୍ୟତିକ୍ରମ ଯୋଗୁଁ ବହୁତ ଅଘଟଣମାନ ପୁରାତନ ରାଜମହଲ ଠାରୁ ନେଇ ବିଭିନ୍ନ ଗୃହ, ନଗର ଆଦିରେ ଦେଖିବାକୁ ମିଳେ। ଯେଉଁ ଘରେ ଦିନେ ବହୁତ ଖୁସିରେ ମାହୋଲ୍ ଥିଲା ସେହି ଘର କାଳକ୍ରମେ ଭୂତ କୋଠିରେ ପରିଣତ ହୋଇଥିବାର ଦେଖାଯାଇଛି।

ଘର କରିବାର କିଛିଦିନ ଭିତରେ ଏପରି ସ୍ଥିତି ସୃଷ୍ଟିହୁଏ ଯେଉଁଥିରେ ଗୃହ କାମ ଅଧାରୁ ବନ୍ଦ ହୋଇଯାଏ ଏବଂ ବିକ୍ରି କରିବା ପରିସ୍ଥିତି ମଧ୍ୟ ସୃଷ୍ଟି ହୋଇଯାଏ। କେଉଁ ଗୃହରେ ବଂଶ ସାରା ରୋଗି ହୋଇଯାନ୍ତି ଏହିପରି ଅନେକ ପ୍ରକାର କଷ୍ଟ ଭୋଗିବାକୁ ପଡିଥାଏ।

ବହୁତ ବାସ୍ତୁଦୋଷ ଗୃହ ନିର୍ମାଣର ତ୍ରୁଟି ଯୋଗୁଁ ଉପୁଜିଥାଏ ଯାହା ଆମେ ସମାଧାନ ବାସ୍ତୁବିତ୍?ଙ୍କ ପରାମର୍ଶ ନେଇ କରିଦେବା କିନ୍ତୁ ବାସ୍ତୁଦୋଷ ଥିବା ଗୃହରେ ଅଧିକ ସମୟ ରହିବା ପରେ ବ୍ୟକ୍ତିଙ୍କର ବିଚାର ଧାରା ଏବଂ କାର୍ଯ୍ୟକ୍ଷେତ୍ର ବ୍ୟତିକ୍ରମ ଦେଖାଯାଏ ଫଳରେ ଅନେକ ଦୁଃଖ ଭୋଗିବାକୁ ପଡିଥାଏ, ଏଣୁ ବାସ୍ତୁ ସହିତ ନିଜର ଆଚାର ବିଚାରରେ ପରିବର୍ତ୍ତନ ଆଣିବା ଦରକାର ଅନ୍ୟଥା ପୂର୍ଣ୍ଣ ଲାଭ ବା ଶୁଭଫଳ ପାଇପାରିବା ନାହିଁ।

ଏଣୁ ଆମମାନଙ୍କୁ ମହାପୁରୁଷଙ୍କ ନିତୀବାଣୀ ଶୁଣି ତାକୁ ବ୍ୟବହାରରେ ଲଗାଇ ପାରିଲେ ଆମେ ଅନେକ ପ୍ରକାର ଶୁଭ ଫଳ ପାଇପାରିବା। ଏଣୁ ମହର୍ଷି ମନୁଙ୍କ ନୀତିବାଣିରୁ କେତେକ ଗୃହରେ ଶାନ୍ତିରେ ରହିବା ପାଇଁ କେତେକ ନିୟମ ନିମ୍ନରେ ଦିଆଗଲା।

ଗୃହରେ ସ୍ୱାମୀ ଓ ସ୍ତ୍ରୀ ଉଭୟ ପରସ୍ପର ପ୍ରତି ସନ୍ତୁଷ୍ଟ ହୋଇ ରହିପାରିଲେ ଗୃହରେ ଅନେକ ମଙ୍ଗଳ ହୋଇଥାଏ।

ଧନ ଅର୍ଜନ କରିବା ପାଇଁ ସବୁବେଳେ ସତ୍?ମାର୍ଗକୁ ଆପଣାଇବା ଦରକାର। ଯେତେ କଷ୍ଟ ହେଲେ ବି ଅସତ୍ ମାର୍ଗରେ ଧନ ଉପାର୍ଜନ କରିବା ଅନୁଚିତ।

ଗୃହରେ ନିଜ ନିଜ ଭିତରେ ହିଂସା ଭାବ ନ ରଖି ଏକାଠି ଚଳିବା ଦ୍ୱାର ଶୁଭ ଫଳ ମିଳେ।

ଯେଉଁ ଘରେ ନାରୀମାନେ ଅବହେଳିତ ହୁଅନ୍ତି ସେ ଘରେ କେବେ ବି ସୁଖଶାନ୍ତି ମିଳେ ନାହିଁ।

ଚେହେରାର ଦାଗ ଦୂର କରିପାରେ ପଇଡ଼ ପାଣି, ମହୁ, ଆଲୋବେରା ଓ ବେସନ

ବେଳେ ବେଳେ ଶରୀରରେ ଥିବା ଛୋଟିଆ ଦାଗଟିଏ ବି ପୂରା ସୌନ୍ଦର୍ଯ୍ୟକୁ ନଷ୍ଟ କରିଦେଇଥାଏ। କେବଳ ମୁହଁ କାହିଁକି ହାତ, ଗୋଡ଼, ବେକ ଆଦି ବିଭିନ୍ନ ସ୍ଥାନରେ ଥିବା ଦାଗ ଆମ ଚିନ୍ତାର କାରଣ ପାଲଟିଯାଏ। ଘରୋଇ ଉପାୟରେ ବି ଆପଣ ଆପଣଙ୍କ ଶରୀରରେ ଥିବା କଳା କିମ୍ବା ଧଳା ଦାଗକୁ ଛଡ଼ାଇ ପାରିବେ। ସେ ସଂପର୍କରେ ନିମ୍ନରେ ଉଲ୍ଲେଖ କରାଯାଇଛି। ପଇଡ଼ ପାଣି ସବୁ ପ୍ରକାର ଦାଗ ଛଡ଼ାଇ ପାରେ। ତାହା କଳା ଦାଗ ହେଉ କିମ୍ବା ଧଳା। କଟା ଘା, ପୋଡ଼ା ଚିହ୍ନ ଏବଂ ବ୍ରଣ ଦାଗ ଆଦି ଛଡ଼ାଇବା ପାଇଁ ଆପଣ ପଇଡ଼ ପାଣି ବ୍ୟବହାର କରିପାରନ୍ତି। ପଇଡ଼ ପାଣିକୁ ଏକ ପାତ୍ରରେ ନିଅନ୍ତୁ। ସେଥିରେ ତୁଳା ବୁଡ଼ାଇ ତାହାକୁ ଆପଣଙ୍କ ଦାଗରେ ଲଗାନ୍ତୁ। ଦାଗ ଛଡ଼ାଇବା ପାଇଁ ଘିକୁଆଁରି ମଧ୍ୟ ଖୁବ୍ ଉପ

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

ପଦକ୍ଷେପ ନେବା ଜରୁରୀ...

ଉଦାରୀକରଣ– ଅର୍ଥାତ୍ ଦେଶରେ ଆର୍ଥିକ ଉଦାରୀକରଣ ନୀତି ଲାଗୁ ହେବାକୁ ଇତି ମଧ୍ୟରେ ତିରିଶ ବର୍ଷରୁ ଅଧିକ ସମୟ ଅତିବାହିତ ହୋଇ ଯାଇଛି, ଯାହା ପରେ ସାମାଜିକ ସ୍ତରରେ ଅନେକ କ୍ଷେତ୍ରରେ ପରିବର୍ତ୍ତନ ଦେଖିବାକୁ ମିଳିଛି । ପରିଣତିରେ ବର୍ତ୍ତମାନ ଦେଶ ଏକ ଆକାଂକ୍ଷାପୂର୍ଣ୍ଣ ଦେଶରେ ପରିବର୍ତ୍ତିତ ହୋଇଥିବା ମନେ ହେଉଛି, ଯାହାର ଆବଶ୍ୟକତାଗୁଡ଼ିକ କେବଳ ବଞ୍ଚି ରହିବାରେ ସୀମିତ ନୁହେଁ । ପ୍ରଥମ ଥର ପାଇଁ ଏତେ ବର୍ଷ ପରେ ଦେଖିବାକୁ ମିଳିଛି ଯେ ଏକ ଭାରତୀୟ ପରିବାର ମୋଟ ଯେତିକି ଖର୍ଚ୍ଚ କରିଥାଏ, ସେଥିରୁ ତା'ର ଖାଦ୍ୟ ବାବଦରେ ଖର୍ଚ୍ଚ ୫୦ ପ୍ରତିଶତରୁ କମିଛି । ସଙ୍ଗେ ସଙ୍ଗେ ଅନ୍ୟାନ୍ୟ ଖର୍ଚ୍ଚ ମଧ୍ୟରେ ଏହାର ଶିକ୍ଷା, ସ୍ୱାସ୍ଥ୍ୟ, ଯାତାୟାତ, ଏବଂ ଖାଉଟି ସାମଗ୍ରୀ ବା କମ୍ପ୍ୟୁମର ହ୍ୟୁରେସ୍ ଇତ୍ୟାଦି ବାବଦରେ ଖର୍ଚ୍ଚ ୫୦ ପ୍ରତିଶତରୁ ଅଧିକକୁ ବୃଦ୍ଧି ପାଇଛି । ସମାନ ଧାରା ଗ୍ରାମାଞ୍ଚଳରେ ଆୟ ପିରାମିଡ୍ରର ତଳେ ରହିଥିବା ପାଞ୍ଚ ପ୍ରତିଶତଙ୍କ ପାଇଁ ମଧ୍ୟ ପ୍ରଯୁଜ୍ୟ ହୋଇଛି। ଏହି ବର୍ଗର ପରିବାରଗୁଡ଼ିକ ସେମାନଙ୍କ ଆୟର ୫୧.୨୦ ପ୍ରତିଶତ ଅଣ-ଖାଦ୍ୟ ସାମଗ୍ରୀଗୁଡ଼ିକରେ ଖର୍ଚ୍ଚ କରୁଛନ୍ତି । ଏସବୁ ଭିତରେ ଖାଦ୍ୟ ସାମଗ୍ରୀଗୁଡ଼ିକ ବାବଦରେ ଖର୍ଚ୍ଚ କରୁଛନ୍ତି ୪୮.୮୦ ପ୍ରତିଶତ । ଏସବୁ ତଥ୍ୟ ହେଉଛି ସମଗ୍ର ଭାରତର ବିଭିନ୍ନ ଭାଗରେ ଅବସ୍ଥିତ ୮,୭୨୩ ଗ୍ରାମରେ କରାଯାଇଥିବା ଘରୋଇ ଉପଭୋଗ ବ୍ୟୟ ସର୍ବେକ୍ଷଣ ବା ହାଉସ୍‌ହୋଲୁ କଞ୍ଜମ୍ପସନ୍ ଏକ୍ସପେଣ୍ଡିଚର ସର୍ଭେ (ଏସିଇଏସ୍)ରୁ ଆହରଣ କରାଯାଇଥିବା କେତେକ ମୁଖ୍ୟ ଉପାଦାନ । କହିବା ବାହୁଲ୍ୟ, ଏହି ସର୍ଭେରୁ ଉପଲବ୍ଧ ତଥ୍ୟଗୁଡ଼ିକ ବର୍ତ୍ତମାନ ସରକାରଙ୍କୁ ଖାଉଟି ମୂଲ୍ୟ ସୂଚକାଙ୍କ (ସିପିଆଇ) ବା ଖୁଚୁରା ମୁଦ୍ରାସ୍ଫିତି, ଖାଦ୍ୟ ସାମଗ୍ରୀ ଏବଂ ଅନ୍ୟାନ୍ୟ ଉପାଦାନଗୁଡ଼ିକ ଉପରେ ବାସ୍ତବ ଗୁରୁତ୍ୱ ଦେବା କ୍ଷେତ୍ରରେ ସାହାଯ୍ୟ କରିବ ଯଦ୍ୱାରା ସରକାର ବିଭିନ୍ନ ସାମଗ୍ରୀ ଉପରେ ନିଜର ଦୃଷ୍ଟିଭଙ୍ଗୀକୁ ବଦଳାଇବାକୁ ଅନୁପ୍ରେରିତ ହେବେ। ଏସିଇଏସ୍‌ର ତଥ୍ୟ ମଧ୍ୟ ବିଭିନ୍ନ ପ୍ରକାରର ସାମଗ୍ରୀ ଗୋଷ୍ଠୀର ବଜେଟ୍ ଅଂଶ ପ୍ରଦାନ କରିଥାଏ ଯେଉଁଗୁଡ଼ିକ ସରକାରୀ ଖାଉଟି ମୂଲ୍ୟ ସୂଚକାଙ୍କର ସଂକଳନ ପାଇଁ ଓଜନ ଅର୍ଥାତ୍ ଗୁରୁତ୍ୱ ଦିଆଯିବାକୁ ଥିବା ଚିତ୍ରର ପ୍ରସ୍ତୁତି ନିମନ୍ତେ ବ୍ୟବହାର କରାଯାଇଥାଏ। ପୁନଶ୍ଚ, ଏନ୍‌ସିଇଏସ୍‌ରେ ସଂଗ୍ରହ କରାଯାଇଥିବା ତଥ୍ୟ ମଧ୍ୟ ଅନ୍ୟାନ୍ୟ ସ୍ଥୂଳ ଅର୍ଥନୀତିକ ସୂଚକଗୁଡ଼ିକରେ ଉପନୀତ ହେବା ନିମନ୍ତେ ଉପଯୋଗ କରାଯାଇଥାଏ। ନିକଟରେ ପ୍ରକାଶ ପାଇଥବା ଏହି ଏସିଇଏସ୍ ଦୀର୍ଘ ୧୧ ବର୍ଷର ଅନ୍ତର ପରେ କରାଯାଇଥିଲା। ତେଣୁ ଇତି ମଧ୍ୟରେ ପରିବାରର ଆର୍ଥିକ ଜୀବନକୁ ପ୍ରଭାବିତ କରୁଥିବା ଅନେକ କ୍ଷେତ୍ରରେ ପରିବର୍ତ୍ତନ ଲକ୍ଷ୍ୟ କରାଯିବା ସ୍ୱାଭାବିକ । ସାମ୍ପ୍ରତିକ ସର୍ଭେରୁ ଜଣାପଡ଼ିଛି ଯେ ଗ୍ରାମାଞ୍ଚଳରେ ଉପଭୋଗ ବାବଦରେ ମାସିକ ବ୍ୟୟ୨୦୧୧- ୧୨ରେ ୧,୪୩୦ ଟଙ୍କା ଥିବା ବେଳେ ୨୦୨୨-୨୩ ବେଳକୁ ଏଥରେ ୧୬୩.୮ ପ୍ରତିଶତ ବୃଦ୍ଧି ପାଇ ଏହା ପହଞ୍ଚିଛି ୩,୭୭୩ ଟଙ୍କାରେ। ଅର୍ଥାତ୍ ସହରାଞ୍ଚଳ କ୍ଷେତ୍ରରେ ୧୧ ବର୍ଷ ମଧ୍ୟରେ ଅଭିବୃଦ୍ଧିର ଲମ୍ଫ ୧୪୫.୫୮ ପ୍ରତିଶତ ହୋଇଛି। ସହରାଞ୍ଚଳର ପରିବାରମାନଙ୍କ ପାଇଁ ଖର୍ଚ୍ଚ ବାବଦରେ ବାର୍ଷିକ ବୃଦ୍ଧି ୧୩.୨୩ ପ୍ରତିଶତ ହୋଇଛି, ଯାହା ହେଉଛି ଗ୍ରାମାଞ୍ଚଳର ଲୋକମାନେ ସମ୍ମୁଖୀନ ହେଉଥିବା ଅସୁବିଧାଗୁଡ଼ିକଠାରୁ ସାମାନ୍ୟ କମ୍। ଏହି ସର୍ବେକ୍ଷଣର ଏକ ମଜାଦାର ଦିଗ ହେଉଛି ଏୟା ଯେ ଗୁରୁତ୍ୱପୂର୍ଣ୍ଣ ଅଣ-ଖାଦ୍ୟ ସାମଗ୍ରୀ ଏବଂ ସେବାଗୁଡ଼ିକ, ଯଥା ଜାଳେଣି ଏବଂ ଆଲୋକ, ଶିକ୍ଷା, ସ୍ୱାସ୍ଥ୍ୟ, ଯାତାୟାତ ଏବଂ ଭଡ଼ା ଏକ ସହରାଞ୍ଚଳରେ ବାସ କରୁଥିବା ପରିବାରର ବ୍ୟୟର ଏକ-ତୃତୀୟାଂଶ ଅକ୍ତିଆର କରିଥାଏ। ଅପର ପକ୍ଷରେ, ଏହି ଚାରିଗୋଟି ପ୍ରମୁଖ ଉପାଦାନ ଉପରେ ଗ୍ରାମାଞ୍ଚଳର ପରିବାରଟିଏ ଏହାର ଖର୍ଚ୍ଚର ଏକ-ଚତୁର୍ଥାଂଶ ବ୍ୟୟ କରିଥାଏ। ତେଣୁ ସରକାର ବର୍ତ୍ତମାନ ପ୍ରଭାବଶାଳୀ ଯୋଜନା ଜରିଆରେ ଲୋକମାନଙ୍କ ନିମନ୍ତେ ଏସବୁ କ୍ଷେତ୍ରରେ ଆଶ୍ୱାସନା ଆଣି ପାରିବେ । ସର୍ବେକ୍ଷଣରେ ଉଲ୍ଲେଖ କରିଥିବା ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ହେଉଛି- ମୃଦୁ ପାନୀୟ, ଜଳପାନ ଏବଂ ପ୍ରକ୍ରିୟାକୃତ ଖାଦ୍ୟର ଅତ୍ୟଧିକ ପରିମାଣରେ ବ୍ୟବହାର। ସାମ୍ପ୍ରତିକ ଖାଦ୍ୟ ମୁଦ୍ରାସ୍ଫିତି ସୂଚକାଙ୍କରେ ଏ ବାବଦରେ ସାତ ପ୍ରତିଶତର ମହତ୍ତ୍ୱ ରହିଛି। ତେବେ ସର୍ବେକ୍ଷଣ ଦର୍ଶାଉଛି ଯେ ଲୋକମାନେ ଏ ବାବଦରେ ହାରାହାରି ୧୦ ପ୍ରତିଶତ ଖର୍ଚ୍ଚ କରିଥାନ୍ତି। ଏହାକୁ ଏକ ସୁଯୋଗ ଭାବରେ ଗ୍ରହଣ କରାଯାଇପାରେ, କାରଣ କୃଷକମାନଙ୍କ ଆୟ ବୃଦ୍ଧି କରିବାକୁ ଗ୍ରାମାଞ୍ଚଳଗୁଡ଼ିକରେ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପମାନ ପ୍ରତିଷ୍ଠା କରିବା ନିମନ୍ତେ ପ୍ରୋତ୍ସାହନ ଯୋଗାଇବା ପାଇଁ ଏହା ସବୁଜ ସଙ୍କେତ ପ୍ରଦାନ କରୁଛି । ଦେଶରେ ଅସମାନତା ବଜାୟ ରହିଥିବା ସମ୍ପର୍କରେ ସୂଚନା ପ୍ରଦାନ ହେଉଛି ସର୍ବେକ୍ଷଣର ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ଦିଗ । ଗ୍ରାମାଞ୍ଚଳରେ ପିରାମିଡ୍ରର ସବା ତଳେ ରହିଥିବା ଲୋକସଂଖ୍ୟାର ପାଞ୍ଚ ପ୍ରତିଶତ ହାରାହାରି ୧,୧୪୧ ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଲୋକସଂଖ୍ୟାର ଶୀର୍ଷ ସ୍ଥାନୀୟ ପାଞ୍ଚ ପ୍ରତିଶତ ଖର୍ଚ୍ଚ କରିଥାନ୍ତି ୧୦,୫୮୧ ଟଙ୍କା। ସହରାଞ୍ଚଳରେ ସବା ତଳେ ରହିଥିବା ପାଞ୍ଚ ପ୍ରତିଶତ ଲୋକ ୨,୦୮୧ ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଶୀର୍ଷ ସ୍ଥାନରେ ରହିଥିବା ପାଞ୍ଚ ପ୍ରତିଶତଙ୍କ ଖର୍ଚ୍ଚର ପରିମାଣ ୨୦,୮୪୬ ଟଙ୍କା। ଏହାର ଅର୍ଥ, ସହର ଏବଂ ନଗରାଞ୍ଚଳମାନଙ୍କରେ ଧନୀ ପରିବାରଗୁଡ଼ିକ ଗରିବ ଲୋକମାନଙ୍କଠାରୁ ୧୦ ଗୁଣ ଅଧିକ ଖର୍ଚ୍ଚ କରିଥାନ୍ତି। ଯେହେତୁ ଆୟରେ ବଢ଼ି ଚାଲିଥିବା ଅନ୍ତର ଦେଶର ସାମାଜିକ ଦୃଶ୍ୟପଟକୁ ଗୁରୁତର ଭାବରେ ପ୍ରଭାବିତ କରିଥାଏ, ତେଣୁ ସରକାର ଏହି ପ୍ରସଙ୍ଗର ସମାଧାନ କରିବାକୁ ଉପଚାରମୂଳକ ପଦକ୍ଷେପ ନେବାର ଜରୁରୀ ଆବଶ୍ୟକତା ରହିଛି।

ପରୀକ୍ଷାକୁ ନେଇ କିଛି କଥା

ଡାକ୍ତର ବିଚିତ୍ରାନନ୍ଦ ଆଚାର୍ଯ୍ୟ

କେବଳ ଆମ ରାଜ୍ୟରେ ନୁହେଁ, ବିଭିନ୍ନ ରାଜ୍ୟସ୍ତରୀୟ ଏବଂ ଜାତୀୟ ସ୍ତରରେ ଦଶମ ଶ୍ରେଣୀ ପରୀକ୍ଷାକୁ ନେଇ ଅନେକ ଉତ୍କଣ୍ଠା ଭରି ରହିଥାଏ। ଏହି ପରୀକ୍ଷା ଫଳ ଉପରେ ପ୍ରାୟ ସମସ୍ତଙ୍କ ଦୃଷ୍ଟି ରହିଥିବାରୁ ଛାତ୍ରଛାତ୍ରୀମାନେ ଅତ୍ୟଧିକ ଚାପରେ ଥାଆନ୍ତି। ଏଥିସହିତ ଅଭିଭାବକ ମାନଙ୍କ ଉଚ୍ଚ ଆଶା ଓ ଆକାଂକ୍ଷା ପିଲାମାନଙ୍କୁ ଅଧିକ ଭାରାକ୍ରାନ୍ତ କରିଦିଏ, ଯାହା ସେମାନଙ୍କ ପରୀକ୍ଷା ଫଳକୁ ପ୍ରଭାବିତ କରିବା ଆଶଙ୍କା ଥାଏ।

ଇତିମଧ୍ୟରେ ଆରମ୍ଭ ହୋଇଯାଇଛି ରାଜ୍ୟ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଚଳିତ ବର୍ଷର ଦଶମ ଶ୍ରେଣୀ ବୋର୍ଡ଼ ସାର୍ଟିଫିକେଟ ପରୀକ୍ଷା। ଶିକ୍ଷା ଜୀବନର ମୁଳଦୁଆ ଭାବେ ବିବେଚିତ ଏହି ପରୀକ୍ଷା କେବଳ ଛାତ୍ରଛାତ୍ରୀଙ୍କ ମେଧାଶକ୍ତିର ପରିମାପକ ନୁହେଁ, ସମ୍ପୃକ୍ତ ସ୍କୁଲର ସୁନାମର ପରିଚାୟକ ମଧ୍ୟ। ଏଥି ସହିତ ମିଶି ରହିଛି, ବାପା, ମା, ଅଭିଭାବକ ମାନଙ୍କ ଆଶା-ନିରାଶା, ଆନନ୍ଦ-ଦୁଃଖ ଜନିତ ଉନ୍ମାଦନା ଓ ଉତ୍କଣ୍ଠା। ସେହିଭଳି ପରୀକ୍ଷାର ସାମଗ୍ରିକ ଫଳ ନିର୍ଦ୍ଧାରଣ କରେ ଏକ ନିର୍ଦ୍ଦିଷ୍ଟ ଶିକ୍ଷା ବର୍ଷରେ ରାଜ୍ୟର ଶୈକ୍ଷିକ ସ୍ଥିତି। ତେଣୁ ଦଶମ ଶ୍ରେଣୀ ବୋର୍ଡ଼ ପରୀକ୍ଷା ସ୍ୱାଭାବିକ ଭାବେ ପରୀକ୍ଷାର୍ଥୀଙ୍କ ଠାରୁ ଆରମ୍ଭ କରି ଅଭିଭାବକ, ଶିକ୍ଷା ପରିଷଦର କର୍ମକର୍ତ୍ତା, ସମ୍ପୃକ୍ତ ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ, ପରୀକ୍ଷା ପରିଚାଳନା ସହିତ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଓ ସର୍ବୋପରି ସରକାରଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ପାଇଁ ଆଣିଦିଏ ଉତ୍କଣ୍ଠା।

ଚଳିତ ବର୍ଷ ୨୦ ଫେବୃଆରୀରୁ ମାର୍ଚ୍ଚ ୪ ତାରିଖ ପର୍ଯ୍ୟନ୍ତ ୨,୯୯୧ ପରୀକ୍ଷା କେନ୍ଦ୍ରରେ ମୋଟ ୫ଲକ୍ଷ ୫୧ ହଜାର ୬୧୧ ଜଣ ପରୀକ୍ଷାର୍ଥୀ ମାଟ୍ରିକ ପରୀକ୍ଷାର ପ୍ରଶ୍ନପତ୍ର ସାମ୍ନା କରିବା ପାଇଁ ପ୍ରସ୍ତୁତ ହୋଇଛନ୍ତି। ପରୀକ୍ଷା କେନ୍ଦ୍ରଗୁଡ଼ିକରେ ସ୍ୱଚ୍ଛତା ରକ୍ଷା କରିବା ସହିତ ସୁପରିଚାଳନା ପାଇଁ ଯଥା ସମ୍ଭବ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି ଏବଂ ମାର୍ଗଦର୍ଶିକା ଜାରି କରାଯାଇଛି। ଇତିମଧ୍ୟରେ ରାଜ୍ୟର ପ୍ରାୟ ସମସ୍ତ ସରକାରୀ ବିଦ୍ୟାଳୟର ରୂପାନ୍ତରଣ ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇଛି। ତେଣୁ ମାଟ୍ରିକ ପରୀକ୍ଷା ପରିଚାଳନାରେ ଏହା ନିଶ୍ଚିତ ଭାବେ କର୍ତ୍ତୃପକ୍ଷ ପରୀକ୍ଷାର୍ଥୀଙ୍କ ପାଇଁ ଅଶେଷ ସହାୟକ ହେବ। ଏଥର ପ୍ରଥମ କରି ପରୀକ୍ଷା ପରିଚାଳନାକୁ ଶୃଙ୍ଖଳିତ କରିବା ପାଇଁ କୃତ୍ରିମ ବୁଦ୍ଧିମତ୍ତାର ପ୍ରୟୋଗ କରାଯାଇଛି। ମାର୍ଚ୍ଚ ୧୫ ତାରିଖରୁ ଖାତା ଦେଖା ଆରମ୍ଭ ହୋଇ ୧୨ ଦିନ ମଧ୍ୟରେ ଶେଷ ହେବ ଏବଂ ପରବର୍ତ୍ତୀ ଅନ୍ୟାନ୍ୟ ପ୍ରକ୍ରିୟ ଶେଷ ହେବା ପରେ ଫଳାଫଳ ଆସନ୍ତା ମେ'ମାସରେ ପ୍ରକାଶ ପାଇବ ବୋଲି ସ୍ଥିର କରାଯାଇଛି।

କେବଳ ଆମ ରାଜ୍ୟରେ ନୁହେଁ, ବିଭିନ୍ନ ରାଜ୍ୟସ୍ତରୀୟ ଏବଂ ଜାତୀୟ ସ୍ତରରେ ଦଶମ ଶ୍ରେଣୀ ପରୀକ୍ଷାକୁ ନେଇ ଅନେକ ଉତ୍କଣ୍ଠା ଭରି ରହିଥାଏ। ଏହି ପରୀକ୍ଷା ଫଳ ଉପରେ ପ୍ରାୟ ସମସ୍ତଙ୍କ ଦୃଷ୍ଟି ରହିଥିବାରୁ ଛାତ୍ରଛାତ୍ରୀମାନେ ଅତ୍ୟଧିକ ଚାପରେ ଥାଆନ୍ତି। ଏଥିସହିତ ଅଭିଭାବକ ମାନଙ୍କ ଉଚ୍ଚ ଆଶା ଓ ଆକାଂକ୍ଷା ପିଲାମାନଙ୍କୁ ଅଧିକ ଭାରାକ୍ରାନ୍ତ କରିଦିଏ, ଯାହା ସେମାନଙ୍କ ପରୀକ୍ଷା ଫଳକୁ ପ୍ରଭାବିତ କରିବା ଆଶଙ୍କା ଥାଏ। ତେଣୁ ଏବେ ମନସ୍ତତ୍ତ୍ୱବିତ୍ ଓ ସମାଜ ବିଜ୍ଞାନୀମାନେ ଅଭିଭାବକଙ୍କ ଉଚ୍ଚ ଆକାଂକ୍ଷାକୁ ପରୀକ୍ଷାର୍ଥୀଙ୍କ ଉପରେ ଲଦି ନ ଦେବାକୁ ପରାମର୍ଶ ଦେଉଛନ୍ତି। ପରୀକ୍ଷାର ଏହି ମାନସିକ ଓ ଶାରୀରିକ ଚାପକୁ ଉପଲବ୍ଧି କରି ପରୀକ୍ଷାର୍ଥୀମାନଙ୍କୁ ଚାପମୁକ୍ତ କରିବା ପାଇଁ ଗତ କିଛି ବର୍ଷ ହେଲା ଦେଶର ପ୍ରଧାନମନ୍ତ୍ରୀ ପ୍ରତ୍ୟକ୍ଷ ଭାବେ ପିଲାମାନଙ୍କ ସହିତ ଆଲୋଚନା କରିବାର ଏକ ସୁସ୍ଥ ପରମ୍ପରା ସୃଷ୍ଟି ହୋଇଛି।

ମାଟ୍ରିକ ପରୀକ୍ଷା ଶେଷ ହେଉ ହେଉ ଛାତ୍ରଛାତ୍ରୀମାନେ ବିଭିନ୍ନ ପ୍ରବେଶିକା ପରୀକ୍ଷା ପାଇଁ କୋଚିଂ ନେଉଛନ୍ତି ଆଜିକାଲି। ସେମାନେ ଆଗକୁ କ'ଣ ପଢ଼ିବେ ଏବଂ ତାଙ୍କର କେଉଁ ପାଠ ପ୍ରତି ଅଧିକ ଆଗ୍ରହ ରହିଛି ଏହା ଉପରେ ଆଜିକାଲିକାର ବାପା ମା' ଗୁରୁତ୍ୱ ନଦେଇ ନିଜ ଇଚ୍ଛା ସେମାନଙ୍କ ଉପରେ ଲଦି ଦେଉଛନ୍ତି। ଅନେକ ସମୟରେ ବିଜ୍ଞାନ ପଢ଼ିବା ପ୍ରତି ଆଗ୍ରହ ନଥିବା ପିଲାଟି ମଧ୍ୟ ବାପା ମା' ପିଲା ମାନଙ୍କୁ ଡାକ୍ତର, ଇଂଜିନିୟର କରାଇବାକୁ ଚାହୁଁଛନ୍ତି। ଯଦି ପିଲାଙ୍କର ଇଚ୍ଛା ଥାଏ କଳା ବିଷୟ ନେଇ ପାଠ ପଢ଼ିବାକୁ ତାହେଲେ ତାଙ୍କ ଇଚ୍ଛା ପୂରଣ କରିବାର ସୁଯୋଗ ସେମାନଙ୍କୁ ଦେବା ଉଚିତ। କଳା ବିଷୟ ନେଇ ପାଠ ପଢ଼ିଲେ ମଧ୍ୟ ଅନେକ ଉଚ୍ଚଶିକ୍ଷାର ସୁଯୋଗ ରହିଛି। ବାଣିଜ୍ୟ ପାଠରେ ମଧ୍ୟ ସୁଯୋଗର ଅଭାବ ନାହିଁ। ତେଣୁ ସମସ୍ତେ ଯେ ଡାକ୍ତର, ଇଂଜିନିୟର ହେବେ ଏଭଳି କୌଣସି ଚାପ ପିଲାଙ୍କ ଉପରେ ପକାଯିବା ଉଚିତ ନୁହେଁ। ସବୁଠୁ ଗୁରୁତ୍ୱପୂର୍ଣ୍ଣ ଦିଗଟି ହେଉଛି ସେମାନେ କେତେ ସମ୍ବେଦନଶୀଳ ହୋଇପାରିବେ। ଆଜିକାଲି ତ ଉଚ୍ଚଶିକ୍ଷା ଏବଂ ଉଚ୍ଚ ବେତନର ଚାକିରି କରିବା ପରେ ପିଲାଏ ବାପା ମାଆଙ୍କ କଥା ଭୁଲି ଯାଉଛନ୍ତି। ତେଣୁ ସେମାନଙ୍କ ପାଖରେ କିଭଳି ଦରଦ ଏବଂ ସମ୍ବେଦନଶୀଳତା ବଜାୟ ରହିବ ତା ଉପରେ ବାପା ମାଆ ଅଧିକ ଧ୍ୟାନ ଦେବା ଉଚିତ ଆଜିର ସମୟରେ।

ଛାତ୍ର ଜୀବନରେ ଦଶମ ଶ୍ରେଣୀ ପରୀକ୍ଷା ଏବଂ ଏହାର ଫଳ ଘୋଷଣା ଏତେ ସମ୍ବେଦନଶୀଳ ଯେ ମେଧାବୀ ଛାତ୍ରଛାତ୍ରୀ ଏବଂ ଦୂରଦ୍ରଷ୍ଟା ଅଭିଭାବକମାନେ ପ୍ରାୟ ପାଞ୍ଚ/ଛଅ ବର୍ଷ ପୂର୍ବରୁ ଏଥିପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଥାନ୍ତି। ତେଣୁ ପରୀକ୍ଷାର ଫଳ ପାଇଁ ସମସ୍ତଙ୍କ ଆତୁର-ଅପେକ୍ଷା ରହିବା ସ୍ୱାଭାବିକ। ଏଥିଯୋଗୁଁ ପରୀକ୍ଷାରେ ଅକୃତକାର୍ଯ୍ୟ ହୋଇଥିବା ବା ଆଶା ଠାରୁ କମ ନମ୍ବର ରଖିଥିବା ପିଲମାନେ ମାନସିକ ଅବସାଦଗ୍ରସ୍ତ ହୁଅନ୍ତି। ଆଶାର ବିପରୀତ ଫଳ ଅନେକ ଛାତ୍ରଛାତ୍ରୀଙ୍କୁ ମାନସିକ ସ୍ତରରେ ଦୁର୍ବଳ କରିଦେଉଥିବାରୁ ସେମାନେ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନେବାକୁ ପଛାନ୍ତି ନାହିଁ। ପରୀକ୍ଷା ଫଳ ସହିତ ତତ୍କାଳ ରୋଜଗାରର କୌଣସି ପ୍ରତ୍ୟକ୍ଷ ସମ୍ବନ୍ଧ ନାହିଁ ସତ, କିନ୍ତୁ ଏହା ସହିତ ବ୍ୟକ୍ତିଗତ ଓ ପାରିବାରିକ ମାନ, ସମ୍ମାନ ଓ ସୁନାମ, ମର୍ଯ୍ୟାଦା ପରି କେତେକ ଶବ୍ଦ ଯୋଡ଼ି ହୋଇଯାଇଛି।

ବିଭବ, ଆଚାର୍ଯ୍ୟ କଲୋନୀ,
ବାଲିଗୁଡ଼ା, କନ୍ଧମାଳ,
ମୋ : ୯୪୩୭୨୪୨୩୧୭

ରାଷ୍ଟ୍ରୀୟତା ଏକ ଜଟିଳ ପ୍ରସଙ୍ଗ



ଗୋପାଲ ମହାପାତ୍ର

ଆଧୁନିକ ଗଣତନ୍ତ୍ର ଭଳି ରାଷ୍ଟ୍ରବାଦ ମଧ୍ୟ ୟୁରୋପରୁ ଆମଦାନୀ ହୋଇଛି ଯାହା ଲୋକଙ୍କ ବର୍ଗୀକରଣ ବା ବିଭେଦିକରଣର ଏକ ନୂତନ ଆଧାର ପ୍ରସ୍ତୁତ କରିଛି। ସାରା ବିଶ୍ୱରେ ରାଷ୍ଟ୍ରବାଦର ପ୍ରଭାବ ପଡ଼ିଛି। କେତେକ ଦେଶରେ ଏହାର ସାକାରାତ୍ମକ ପ୍ରଭାବ ପଡ଼ିଥିବା ବେଳେ କେତେକ ଦେଶରେ ନକାରାତ୍ମକ ପ୍ରଭାବ ମଧ୍ୟ ଦେଖିବାକୁ ମିଳୁଛି। ଯେଉଁସବୁ ଦେଶମାନଙ୍କରେ ଏହାର ସାକାରାତ୍ମକ ପ୍ରଭାବ ପଡ଼ିଛି ସେଠାରେ ଲୋକମାନେ ସମାନ ଭାବରେ, ସମାନ ରପ-ରଙ୍ଗରେ, ସମାନ ଭାଷା ଏବଂ ସଂସ୍କୃତି ଏପରିକି ବର୍ତ୍ତମାନ ଓ ଅତୀତର ଆଧାରରେ ସଂଗଠିତ ହୋଇଛନ୍ତି ଏବଂ ସେମାନଙ୍କର ବିକାଶ ଘଟିଛି। କିନ୍ତୁ ଯେଉଁଠି ଏହାର ନକାରାତ୍ମକ ପ୍ରଭାବ ପଡ଼ିଛି ସେଠି ପ୍ରତିଦ୍ୱନ୍ଦ୍ୱିତା, ଘୃଣା ଏବଂ ସଂଘର୍ଷ ଘଟଛି ଓ ଘଟୁଛି। ରାଷ୍ଟ୍ରବାଦ ସ୍ୱତଃ ଉଚ୍ଚତମ ମୂଲ୍ୟ ପାଲଟିଯାଇଥାଏ ଯାହା ଆଗରେ ମାନବୀୟ ମୂଲ୍ୟର କୌଣସି ଗୁରୁତ୍ୱ ରହିନଥାଏ ଯଦିଓ ଏହା ମାନବୀୟ ଅସ୍ତିତ୍ୱର ଆଧାର ଅଟେ। ରାଷ୍ଟ୍ରବାଦୀମାନେ ଉତ୍କଟ ରାଷ୍ଟ୍ରଭକ୍ତିରେ ସବୁକିଛି କରିଦେଇଥାନ୍ତି ଯାହା ମନୁଷ୍ୟର କରଣୀୟ ନୁହେଁ। ରାଷ୍ଟ୍ରବାଦ ମନୁଷ୍ୟକୁ 'ବିଶ୍ୱ ସମାଜ'ରେ ଅବସ୍ଥାପିତ କରିପାରେ ଯେ କେବଳ ବାଧକ ସାଜିଥାଏ ତା' ନୁହେଁ, ବାସ୍ତବରେ ଏହା ମନୁଷ୍ୟର କଳ୍ପନା, ତା' ଭିତରେ ଥିବା ମାନବିକତାକୁ ସଙ୍କୁଚିତ ଅଥବା ସୀମିତ ମଧ୍ୟ କରି ଦେଇଥାଏ।

୧୯୧୬-୧୭ ମସିହାରେ ଯେଉଁଦିନ ପ୍ରଥମ ବିଶ୍ୱଯୁଦ୍ଧ ଚାଲିଥିଲା ସେତେବେଳେ ବିଶ୍ୱକବି ରବୀନ୍ଦ୍ରନାଥ ଠାକୁର ଜାପାନ ଓ ଆମେରିକା ଗସ୍ତ କରିଥିଲେ ଓ ରାଷ୍ଟ୍ରବାଦ ବିଷୟରେ ବ୍ୟାଖ୍ୟାନ ମଧ୍ୟ ଦେଇଥିଲେ। ରବୀନ୍ଦ୍ରନାଥ ରାଷ୍ଟ୍ର ପ୍ରସଙ୍ଗରେ କହିଥିଲେ - "ରାଷ୍ଟ୍ରର ବିଚାର ମାନବ ଦ୍ୱାରା ଆବିଷ୍କୃତ ଅଚେତ ହେବାର ଶକ୍ତିଶାଳୀ ଔଷଧ ଅଟେ। ଏହାର ପ୍ରଭାବରେ ସାରା ଦେଶ, ନୈତିକ ବିକୃତି ବାବଦରେ ସଚେତ ନହୋଇ ସ୍ୱାର୍ଥସିଦ୍ଧି କାର୍ଯ୍ୟକ୍ରମକୁ ବ୍ୟବସ୍ଥିତ ଢ଼ଙ୍ଗରେ ଲାଗୁ କରିପାରେ।" ରବୀନ୍ଦ୍ରନାଥଙ୍କ ଏହି ବିଶ୍ୱ ଚେତନା ସମସ୍ତଙ୍କୁ ସେତେବେଳେ ଆଚମ୍ବିତ କରିଦେଇଥିଲା। କାରଣ ସେତେବେଳେ ପଶ୍ଚିମବଙ୍ଗ (ବଙ୍ଗଳା)ରେ ନବଜାଗରଣ ବଙ୍ଗାଳୀ ଉପ-ରାଷ୍ଟ୍ରୀୟତାକୁ ମଜଭୁତ କରିଦେଇଥିଲା ଓ ବଙ୍ଗଳା ସାହିତ୍ୟ ପରତନ୍ତ୍ର ବିରୁଦ୍ଧରେ ଭାରତୀୟ ରାଷ୍ଟ୍ରୀୟତା ପାଇଁ ଭିତ୍ତିଭୂମି ପ୍ରସ୍ତୁତ କରିପାରେ ସହାୟକ ହୋଇଥିଲା। ଆଉ ଏକ ରୋଚକ ବିଷୟ ହେଉଛି ସ୍ୱାଧୀନତା ଆନ୍ଦୋଳନର ମୁଖ୍ୟ ପୁରୋଧା ମହାତ୍ମା ଗାନ୍ଧି ମଧ୍ୟ ରାଷ୍ଟ୍ରବାଦର ସହାୟତା ନେଇନଥିଲେ। ଗାନ୍ଧିଙ୍କ ସ୍ୱଦେଶୀ ବିଚାର ଉପନିବେଶବାଦକୁ ଅ

ଧାରାବାହିକ ଉପନ୍ୟାସ

ଦୁରନ୍ତ ଶିଖା

ଭାଗ-୭

ଡ.ସିନ୍ଧୁ ସେନ୍

ମୋ ନିଜସ୍ୱ ଚିନ୍ତା ଚେତନାରେ ଅନେକ କିଛି ପରିବର୍ତ୍ତନ ହେଉଥିବା ଭଳି ଅନୁଭବ କଲି । ମୁଁ ଧୀରେଧୀରେ ବଡ଼ ହେଉଛି । ଆଗକୁ ଆହୁରି ମୋତେ କିଛି କରିବାକୁ ପଡ଼ିବ । ମୋ ପାଇଁ ଏବେ ଆଉ ଅଟକି ଯିବାର ବୟସ ନୁହେଁ । ଆଗକୁ ଆଗକୁ ଆଗେଇବାକୁ ପଡ଼ିବ । ସତର କ'ଣ ତେବେ ମୁଁ କୈଶୋର ଅତିକ୍ରମ କରି ଯୌବନରେ ପାଦ ଦେଇ ସାରିଲିଣି । ନ ହେଲେ ମୋ ଶରୀରରେ, ମନରେ ଏଭଳି ପରିବର୍ତ୍ତନ କାହିଁକି ?

ସତରେ କ'ଣ ଯୌବନର କିଛି ଉତ୍ତାପ ଥାଏ, ଭିନ୍ନ ଆକର୍ଷଣ ଥାଏ । ମନକୁ ଉଚ୍ଚାଟ କରି ତୋଳିଥାଏ ଏବେ ମୋତେ କେହି ବୁଝାଉ ଅବା ନବୁଝାଉ ମୁଁ ମୋ ନିଜସ୍ୱ ଜ୍ଞାନରେ ବେଶ୍ ବୁଝି ପାରୁଥିଲି ଯୌବନର ଅର୍ଥ । ଯାହା ପ୍ରତିଟି ମଣିଷ ଜୀବନରେ ଆସେ । ସଦ୍ୟଫୁଟା ସତେଜ ଫୁଲ ପରି ସୁରଭିତ କରେ । ପୂର୍ବଠାରୁ ଅଧିକ କିଛି କରିବାକୁ ଆଗ୍ରହ ଜଗାଏ । ସାରା ଦିଗନ୍ତକୁ ଯେମିତି ଛୁଇଁଛୁଇଁ ଯାଉଥାଏ ଯୌବନର ମହକ । ପ୍ରାଣରେ ଭରିଦିଏ ଉନ୍ମାଦ । ମଣିଷ ସବୁକିଛି ଦୁଃଖ ଦୁର୍ଦ୍ଦିନକୁ ଭୁଲିଯାଏ ଆଗକୁ ବଢ଼ିବା, ଲଢ଼ିବା ଶିକ୍ଷା ଦିଏ ଯୌବନ । ଜୀନବ ଯୁଦ୍ଧରେ ଲଢ଼ିବା ପାଇଁ ମନରେ ସାହସ ଭରିଦିଏ । ତେଣୁ ଜୀବନର ସଫଳତାର ଶୀର୍ଷରେ ପହଞ୍ଚିବା ପାଇଁ ଯୌବନକାଳ ହିଁ ପ୍ରେରଣା ଓ ସାହସ ଦେଇଥାଏ ।

ସେଦିନ ମୋ ପାଇଁ ଥିଲା ଏକ ଭାବପ୍ରବଣ ଅପରାହ୍ନ । ମୁଁ ସେଦିନ ମାଆଙ୍କ ସହ ମାତାମହଙ୍କ ଘରେ ରହୁଥାଏ । ମାତାମହଙ୍କ ଘର ବାଲିଦ୍ୱୀପରେ । ଆଉ ଆମେ ରହୁଥିଲୁ ଶାକଦ୍ୱୀପରେ । ସେତେବେଳେ ଏକ ସ୍ୱତନ୍ତ୍ର ଉତ୍ସବ ଚାଲିଥାଏ ବାଲିଦ୍ୱୀପରେ । ମାତାମହ ତେଣୁ ଆମକୁ ତାଙ୍କ ଘରକୁ ନିମନ୍ତ୍ରଣ କରିଥାନ୍ତି ।

ବାଲିଦ୍ୱୀପରେ ମକର ଉତ୍ସବ ଖୁବ୍ ଆଡ଼ମ୍ବର ସହ ପାଳନ କରାଯାଏ । ନାରୀପୁରୁଷ ସେ ଉତ୍ସବକୁ ମନଭରି ପାଳନ କରନ୍ତି । ବିଶେଷକରି ମକରପର୍ବ ରାକ୍ଷସ-ରାକ୍ଷସୀ ମାନଙ୍କର ବଡ଼ପର୍ବ । ବେଶ୍ କିଛିଦିନ ଧୂମ୍‌ଧାମ୍‌ରେ ପାଳିତ ହୁଏ । ପିଲାଛୁଆ ବୃଦ୍ଧ-ବୃଦ୍ଧା ନିର୍ବିଶେଷରେ ସମସ୍ତେ ନୂତନ ବସ୍ତ୍ର ପରିଧାନ କରନ୍ତି । ବିଭିନ୍ନ ଅଳଙ୍କାରରେ ଉଭୟ ସ୍ତ୍ରୀ ପୁରୁଷ ନିଜକୁ ସଜାଇଥାନ୍ତି । ବେଶ୍ ଆକର୍ଷଣ ଲାଗେ ସେମାନଙ୍କ ବେଶଭୂଷଣ । ବିଶେଷକରି ତରୁଣ ତରୁଣୀ ମାନେ ବେଶି ଉତ୍‌ଫୁଲ୍ଲିତ ଥାଆନ୍ତି । ସାରା ଦିନରାତି ଆମୋଦ ଉଲ୍ଲାସରେ ମାତିଥାନ୍ତି । ତରୁଣ ତରୁଣୀ ମାନଙ୍କ ମଧ୍ୟରେ ଅବାଧ ମିଳାମିଶାକୁ କେହି ବିରୋଧ କରନ୍ତି ନାହିଁ । ପ୍ରତ୍ୟେକେ ସ୍ୱାଧୀନ । ପର୍ବର ମଜା ନେବାକୁ ସମସ୍ତେ ତତ୍ପର । ସାମାଜିକ ବାଧାବନ୍ଧନ କିଛି ବି ନଥାଏ । ପାରିବାରିକ ବାରଣ କିମ୍ବା ସାମାଜିକ ପ୍ରତିବାଦ ଠାରୁ ସମସ୍ତେ ମୁକ୍ତ । ସତେଯେମିତି ବନ୍ଧନ ବିହୀନ ମୁକ୍ତ ସ୍ୱାଧୀନତା ।

ବାଲିଦ୍ୱୀପର ପ୍ରତ୍ୟେକ ନାଗରିକ ତେଣୁ ବର୍ଷସାରା ସେଇ ଗୋଟିଏ ଦିନର ପ୍ରତୀକ୍ଷାରେ ଥାଆନ୍ତି । କେବେ ଆସିବ ମକରପର୍ବ । ଆବାଳବୃଦ୍ଧବନିତା ଆକଣ୍ଠ ମଦିରା ପାନ କରି ଉତ୍ସବ ମନାଇବେ । ମଉଜ ମଜଲିସ କରିବେ । ସତେଯେମିତି ସମଗ୍ର ଉତ୍ସବସ୍ଥଳ ସ୍ୱର୍ଗ ପାଲଟିଯିବ ।

ମାଆ ମଧ୍ୟ ପର୍ବର ସେଇ ମଜା ନେବାକୁ ଚାଲିଆସିଥାଏ । ଆଉ ମୁଁ ତାଙ୍କ ସହ ଆସିଥାଏ ପର୍ବକୁ ଉପଭୋଗ କରିବା ପାଇଁ । ମୋ ମନରେ ଅପୂର୍ବ କୌତୁହଳ । ବାଲିଦ୍ୱୀପ ଯାଇ, ମକରପର୍ବର ମଜା ନେବି । ମୋ ମନରେ ଉଙ୍କି ମାରୁଥିଲା ଅନେକ ସ୍ୱପ୍ନ ।

ଉତ୍ସବ ଦିନ ସକାଳୁ ସକାଳୁ ମୁଁ ବି ଅନ୍ୟମାନଙ୍କ ସହ ମିଶି ମଦିରା ପାନ କରିଥିଲି । ନିଜର ନିଃସଂଗ, ଉଦାସୀ ମନକୁ କିଛିଟା ହାଲ୍‌କା କରିଦେବାକୁ ଏ ଥିଲା ସାମାନ୍ୟ ପ୍ରୟାସ ମାତ୍ର । ହେଲେ ମଦିରା ନିଶା ଯେତେଯତେ ବଢୁଥିଲା ସେତେସେତେ ମୁଁ ଯେମିତି ଭିନ୍ନ ଏକ ଜଗତରେ ବିଚରଣ କରୁଥିବାରୁ ଅନୁଭବ କରୁଥିଲି ।

ସବୁଠି କେବଳ ଉତ୍ସବର ମହାମେଳଣ । ରାସ୍ତାସାରା କେବଳ ଦଳଦଳ ରାକ୍ଷସ ରାକ୍ଷସୀ ଚାଲିଥାନ୍ତି ସମସ୍ତଙ୍କ ଲକ୍ଷ୍ୟ ଏହି ଉତ୍ସବ ଦିଗକୁ । ମକର ଉତ୍ସବ ପାଳନ ପର୍ବ ପାଇଁ ବସିଛି ହାଟ । ଜମିଛି ଗହଳି । ସାର୍ବଜନୀନ ଉତ୍ସବ ସ୍ଥଳୀ । ପ୍ରତ୍ୟେକେ ରଂଗବେରଙ୍ଗ ପୋଷାକରେ ରଂଗିନ୍ ରାସ୍ତାରେ ପଥଚାରୀ ମାନଙ୍କର ଗହଳି । ପ୍ରତ୍ୟେକେ ମଦିରାସକ୍ତ । ସତରେ ଯେମିତି ସ୍ୱପ୍ନର ସୌଦାଗର ମାନଙ୍କର ଲାଗିଛି ଠେଲାପେଲା କିଏ ହାଟରେ ଜିନିଷ କିଣୁଛି ତ କେହିକେହି ସଂଗୀତ ତାଳେତାଳେ ନୃତ୍ୟରତ । କି ଅପୂର୍ବ ସେ ଦୃଶ୍ୟ । ସତରେ ଯେମିତି ସ୍ୱର୍ଗ ଓହ୍ଲାଇ ଆସିଛି ମର୍ତ୍ତ୍ୟକୁ । ସବୁଆଡ଼େ ସ୍ୱପ୍ନମୟ, ସ୍ୱପ୍ନର କାନନ ।

ସବୁଠି ଖାଲି ସ୍ୱପ୍ନ ଆଉ ସ୍ୱପ୍ନ । ସେହି ପୁଞ୍ଜା ପୁଞ୍ଜ ସ୍ୱପ୍ନ ମଧ୍ୟରେ ମୁଁ ଯେମିତି ପାଲଟି ଯାଇଥିଲି ସ୍ୱପ୍ନଟିଏ । ସେହି ବିଭୋର ସ୍ୱପ୍ନ ମଧ୍ୟରେ ମୁଁ ଉତ୍ସବକୁ ବୁଲିବୁଲି ଦେଖୁଥିଲି । ଉତ୍ସବ ସ୍ଥଳରେ କେଉଁଠି ନୃତ୍ୟର ଆସର ତ କେଉଁଠି ସଂଗୀତ । ନିଶାସକ୍ତ ଅବସ୍ଥାରେ ସମସ୍ତେ କେବଳ ନାଚିନାଚି ମତୁଆଲା । କିଏ କାହା ସହ ନୃତ୍ୟ କରିଛି, ତାର ମଧ୍ୟ କିଛି ନଥାଏ ଠିକଣା । ପୁରୁଷ ନାରୀ ନାଚୁଥାଆନ୍ତି ଦଳକୁ ଦଳ । ସତେଯେମିତି ପବନର ମୃଦୁ ହିଲ୍ଲୋଳରେ ଫୁଲଗଛ ଗୁଡ଼ିକର ଶାଖା ଗୁଡ଼ିକ ଦୋହଲି ଯାଉଥିଲା । ଆଉ ସେଥିରେ ପକ୍ଷୀ ପକ୍ଷୀଣୀ ମାନେ ମୁଗ୍ଧ କଳରବରେ ମାତି ଉଠିଛନ୍ତି । ଏ ସବୁର ମଜା ନେଉନେଉ ମୁଁ ବି ଭୁଲି ଯାଇଥିଲି ନିଜ ଅସ୍ତିତ୍ୱ । ମୁଁ କେଉଁଠି ଅଛି ? କ'ଣ କରୁଛି ? ତାହା ବି ଜାଣିପାରୁ ନଥିଲି । ଏମିତି କି ଦଳବଦ୍ଧ ନୃତ୍ୟକୁ ଉପଭୋଗ କରୁକରୁ ମୁଁ ନିଜେ ବି କେତେବେଳେ ତରୁଣ ତରୁଣୀ ମାନଙ୍କ ଦଳରେ ନିଜକୁ ସାମିଲ କରିନେଇଥିଲି ଜାଣିପାରି ନଥିଲି ।

ଦୀର୍ଘସମୟ ପରେ ମୋର ଯେତେବେଳେ ନିଶା ଭାଂଗିଲା, କାହାର କୋମଳ ସ୍ପର୍ଶରେ ଚମକିପଡ଼ି ଆଖି ଖୋଲିଲି ।

କିନ୍ତୁ ଏ କ'ଣ ? ମୁଁ ଯେ ଅଜଣା ତରୁଣୀର ବାହୁବନ୍ଧନ ମଧ୍ୟରେ ଥାଇ ଶାଳବୁଦା ମୂଳରେ ଶୋଇ ଯାଇଥିଲି । ତରୁଣୀ ଜଣକ ମୋ ପାଖରେ ଥିଲେ ସଂପୂର୍ଣ୍ଣ ଅପରିଚିତ । ପୁନଶ୍ଚ ନିଶାଗ୍ରସ୍ତ ଆଉ ଅସଂଯତ । ନିଦ୍ରା ତେଜି ମୁଁ କେବେ ଝାଡ଼ିଝୁଡ଼ି ହୋଇ ଉଠିପଡ଼ିଲି । ତରୁଣୀ ଜଣକ କିନ୍ତୁ ତାଙ୍କ ବାହୁବନ୍ଧନରୁ ମୋତେ ମୁକ୍ତ କରିବାକୁ ଚାହୁଁ ନଥବଲେ । ବରଂ ଆହୁରି ଜୋରରେ ଜାବୁଡ଼ି ଧରିଥିଲେ । କେତୋଟି ମୁହୂର୍ତ୍ତ ପାଇଁ ଆମେ ପରସ୍ପର ବାହୁବନ୍ଧନ ମଧ୍ୟରେ ନିଜନିଜର ତରୁଣ ସଭାପରେ ହଜାଇ ଦେଇଥିଲୁ ।

ପ୍ରାୟ ଅନେକ ସମୟ ଧରି ତରୁଣ ତରୁଣୀ ମାନଙ୍କ ମଧ୍ୟରେ ଚାଲିଥିଲା ନୃତ୍ୟର ଆସର । କିଏ କାହାକୁ ଧରି ଯୁଗଳନୃତ୍ୟ କରିବ ସେଥିପାଇଁ ଚାଲିଥିଲା ପ୍ରତିଯୋଗିତା । ଅନେକ ତରୁଣୀ ମୋ ହାତଧରି ଟାଣୁଥିଲେ । ନିଜ ଆଡ଼କୁ ଆକର୍ଷିତ କରିବାକୁ ଚେଷ୍ଟା କରୁଥିଲେ । ହେଲେ ମୁଁ ସେହି ତରୁଣୀଟି ସହ ଅନେକ ସମୟ ଧରି ଯୁଗଳନୃତ୍ୟ କରିଥିଲି । ମଦିରାର ପ୍ରାବଲ୍ୟତା ଆମ ଦୁହିଁଙ୍କୁ ମତୁଆଲା କରି ତୋଳିଥିଲା । ତାରି ମଧ୍ୟରେ ଆମେ ଦୁହେଁ କେତେବେଳେ ପୁନର୍ବାର ସେହି ଶାଳବୁଦା ମୂଳକୁ ଚାଲି ଯାଇଥିଲୁ ତାହା ମଧ୍ୟ ଜାଣିପାରି ନଥିଲୁ ।

ମଦିରା ନିଶାରେ ମୁଁ ନିଜେ ନିୟନ୍ତ୍ରଣ କାହାରକୁ ଯାଇଥିଲି, ମୁଁ ଏଠି କ'ଣ ପାଇଁ ଆସିଥିଲି ? କ'ଣ କରୁଥିଲି ? କାହିଁକି ଆସିଥିଲି ? ସେ ସବୁ ବିଷୟରେ ସଂପୂର୍ଣ୍ଣ ଅଜ୍ଞାତ ଥିଲି । ମୁଁ ଭୁଲ୍ କରିଛି କିଛି ଠିକ୍ କରିଛି ତା ବି ଜାଣି ନଥିଲି ।

(କ୍ରମଶଃ)

+ବାରବାଟୀ, ବାଲେଶ୍ୱର
(ମୋ)୯୩୩୭୫୮୦୦୪୫

ଧାରାବାହିକ ଉପନ୍ୟାସ

(ପୂର୍ବ ପ୍ରକାଶିତ ଉତ୍ତାରୁ)

ତ୍ରିପାଦମୋହିନୀ

ଜ୍ୟୋତ୍ସ୍ନାମୟୀ ପଣ୍ଡା

॥ ଭାଗ-୩୪ ॥

ସତରେ କଣ ସେହି ଗଜ ରାଜ ବିଷ୍ଣୁ ନାମରେ କାହାକୁ ଚିହ୍ନିଥିଲା ଏବଂ ବିପଦରେ ପଡ଼ି ତାଙ୍କୁ ଡାକିଥିଲା ? ନାଁ । କିନ୍ତୁ ସେହି କ୍ରୁର ନକ୍ରର କବଳରେ ପଡ଼ି, ଯନ୍ତ୍ରଣା ଓ ମୃତ୍ୟୁର ଭୟରେ ଛଟପଟ ହୋଇ, ଆଖିରୁ ଅସହାୟତାର ଅଶ୍ରୁ ଝରାଇ,ତାଙ୍କୁ ଏହି ବିପଦରୁ ଉଦ୍ଧାର କରିବାକୁ ସେ ଯେଉଁ ସର୍ବ ନାମକୁ ଖୋଜୁଥିଲା, ସେ ବୋଧହୁଏ ସେହି ବିଷ୍ଣୁ ଥିଲେ । ହୁଏତ ସେଠାରେ ବାସ କରୁଥିବା ତପସ୍ୱୀମାନେ ତାଙ୍କୁ ରକ୍ଷା କରିବାକୁ ବିଷ୍ଣୁଙ୍କୁ ପ୍ରାର୍ଥନା କରି ତାଙ୍କୁ ନକ୍ର କବଳରୁ ମୁକ୍ତ କରିଥିଲେ ବା ସେ ମୃତ୍ୟୁ ଭୟରେ ନିଜେ ଚେଷ୍ଟା କରି ସେହି କୁମ୍ଭୀର କବଳରୁ ନିଜକୁ ରକ୍ଷା କରିଥିଲା । ଏହାହିଁ ହେଉଛି ଐଶ୍ୱରୀୟ ଶକ୍ତି ର ଆଶ୍ଚର୍ଯ୍ୟ ! ! ତାର ଶୁଣ୍ଢରେ ସେ ସେପର୍ଯ୍ୟନ୍ତ ଦୃଢ଼ କରି ଧରି ରଖିଥିବା ପଦ୍ମଟି ତେଣୁ ବିଷ୍ଣୁଙ୍କ ପାଇଁ ସମର୍ପିତ ହୋଇଥିଲା ! ! .....

ପଦ୍ମ.... । ସେହି କୋଟି ଲାବଣ୍ୟ ନିଧି ଅମୃତମୟ ପଦ୍ମ, ...ପଙ୍କରୁ ଯାହାର ଜନ୍ମ ହୁଏ ! ! ସେହି ପଙ୍କରୁ ତ ସୃଷ୍ଟି ଶସ୍ୟ, ପ୍ରାଣୀର ଜୀବନ... । ଜୀବନ ଆଉ କଣ କି ? ? ଏହି ଜୀବନ ତ ହେଉଛି ଆତ୍ମା, ଏହି ଜୀବନ ତ ହେଉଛି ବ୍ରହ୍ମ । ମାନବର ମୃତ୍ୟୁରେ ତାର ଦେହର ବିନାଶ ହୁଏ, କିନ୍ତୁ ତାର ଜୀବନର ବିନାଶ ହୁଏ ନାହିଁ । ମୃତ ପାଇଁ ଜଗତ ମିଥ୍ୟା ହୋଇଯାଏ, କିନ୍ତୁ ଜଗତ ଓ ଜୀବନ ମୃତ ପାଇଁ ମିଥ୍ୟା ହୋଇ ଯାଏନାହିଁ । ସେହି ବ୍ରହ୍ମ ଗୋଟିଏ ବିନ୍ଦୁ ମଧ୍ୟରେ ବିନ୍ଦୁରୁ ବଳୟ ପର୍ଯ୍ୟନ୍ତ ସୃଷ୍ଟିକୁ ସୂକ୍ଷ୍ମ ଭାବରେ ଧରି ଉତ୍ପତ୍ତି ହୁଏ । ସେତେବେଳେ କୃଷ୍ଣାବର୍ତ୍ତ ପରି ସେ ଥାଏ ନିର୍ଗୁଣ, ନିରାକାର ।

ପୁଣି ସେଥିରୁ ପାଞ୍ଚ ଭୂତ ବିକଶିତ ହୁଏ । ଆକାର, ରୂପ, ରସ, ଗନ୍ଧ, ସ୍ୱାଦ ଆଦି ଗୁଣରେ ସେ ହୁଏ ସଗୁଣ, ସାକାର ବ୍ରହ୍ମ ! ! ସେହି ଜଡ ମଧ୍ୟରେ ଥିବା ଜୀବନରୁ ପୁଣି ପରମାଣୁ ଜୀବଟିଏ ସୃଷ୍ଟି ହୋଇ ନିର୍ଗୁଣ, ନିରାକାରରୁ ମାନବରୁ ଦେବତା ପର୍ଯ୍ୟନ୍ତ ବିକଶିତ ହୋଇ ହୁଏ ସଗୁଣ, ସାକାର ବ୍ରହ୍ମ ! ! ପୁଣି ମାତୃ ଗର୍ଭରେ ସେହି ନିର୍ଗୁଣ ନିରାକାର ବ୍ରହ୍ମ ସୂକ୍ଷ୍ମ ଭାବରେ ଚକ୍ଷୁ, ନାସା, କର୍ଣ୍ଣ ଆଦି ଇନ୍ଦ୍ରିୟଠାରୁ କେଶ ଆଦି ଅବୟବ ସହିତ ମନ, ପ୍ରାଣ,ଚୈତନ୍ୟ ପର୍ଯ୍ୟନ୍ତ ଧାରଣ କରି ବିକଶିତ ହୁଏ ଓ ଏକ ବରଗଡ । ମଞ୍ଜି ପରି କ୍ଷୁଦ୍ର ଜୀବରୁ ଏକ, ସଗୁଣ, ସାକାର ପୂର୍ଣ୍ଣାଙ୍ଗ ଶିଶୁରେ ପରିଣତ ହୁଏ ! ! ସେହି ବିନ୍ଦୁ ଏ ବ୍ରହ୍ମରୁ ହିଁ ବ୍ୟାପି ଯାଆନ୍ତି ଅନେକ ଶକ୍ତି, ଅନେକ ଦେବତା ! ! ସେହି ବ୍ରହ୍ମ ହିଁ ଅନନ୍ତ ଜୀବନ । ତେଣୁ ଜୀବନ ଆଗ, ଜୀବନାତୀତ ପଛ । ପ୍ରଥମେ ଜନ୍ମ, ତାହାପରେ ମୃତ୍ୟୁ । ପ୍ରଥମେ ଦେହ, ତାହାପରେ ଦେହାତୀତ । ପ୍ରଥମେ ଇନ୍ଦ୍ରିୟ, ତାହାପରେ ଇନ୍ଦ୍ରିୟାତୀତ । ଏହି ପାର୍ଥିବ ପୃଥିବୀ ର ମାନବ ପାଇଁ ପ୍ରଥମ ପୃଥିବୀ, ତାହା ପରେ ସ୍ୱର୍ଗ ! ! ! .... ପ୍ରଥମେ ପଞ୍ଚ ଭୂତ, ତାହା ପରେ ଭୂତାତୀତ ! ! ଏହି ବିଶ୍ୱରେ ଅନେକ ତାରକା,ଗ୍ରହ ସୃଷ୍ଟି ହୁଅନ୍ତି, ମୃତ ହୁଅନ୍ତି, ପୁଣି ସେଥିରୁ ନକ୍ଷତ୍ର ସୃଷ୍ଟି ହୁଅନ୍ତି , ବିଲୟ ପର୍ଯ୍ୟନ୍ତ । ଅନେକ ଜୀବ ସୃଷ୍ଟି ହୁଅନ୍ତି, ବିବର୍ତ୍ତିତ ହୁଅନ୍ତି, ନୂତନର ସୃଷ୍ଟି ହୁଏ , ବିଲୟ ପର୍ଯ୍ୟନ୍ତ । ମାନବ ସୃଷ୍ଟି ହୁଏ, ମୃତ୍ୟୁ ହୁଏ, ପୁଣି ପୁନର୍ଜନ୍ମ ହୁଏ, ମୁକ୍ତି ପର୍ଯ୍ୟନ୍ତ । ଶରୀର ଖୋଜେ ଜୀବନ, ଜୀବନ ଖୋଜେ ଶରୀର ଅନ୍ତ ପର୍ଯ୍ୟନ୍ତ । ପୂର୍ବରୁ ଯାହା ଥାଏ, ପରେ ଯାହା ରହେ, ତାହା ଅନାଦି, ଅନନ୍ତ ପରମ ବ୍ରହ୍ମ ! !..

ବିଷ୍ଣୁଙ୍କ ଆୟୁଧ ଏହି ଶଙ୍ଖ, ଚକ୍ର, ଗଦା ଓ ପଦ୍ମ ବିଶ୍ୱର ଅଶେଷ ଉପକାର ସାଧନ କରିଥାନ୍ତି । କୃଷ୍ଣାବର୍ତ୍ତମାନେ ଅତି ଓଜନଦାର୍ ହୋଇଥିବାରୁ ଏଠାରେ ଆଲୋକ ନଥାଏ, ଏହାମଧ୍ୟରେ ମହାକାଶର ସମୟ ଶେଷ ହୋଇଯାଏ, ଏହାର ଶକ୍ତି ତାର ନିକଟରେ ଥିବା ସମସ୍ତ ଶକ୍ତିକୁ ନିଜ ମଧ୍ୟକୁ ଆକର୍ଷଣ କରିନିଏ । କିନ୍ତୁ ଏହି କୃଷ୍ଣାବର୍ତ୍ତ ମାନେ ଛାୟା ପଥରେ ପରମାଣୁ ମାନଙ୍କୁ ବିଛାଇ ଥାଏ । ମହାକାଶ ସମୟର ସୃଷ୍ଟି କରେ । ତାରକା ମାନଙ୍କୁ ମୃତ୍ୟୁ ଦିଏ ଓ ସେମାନଙ୍କୁ ଅତ୍ୟଧିକ ଉତ୍ତପ୍ତ କରି ଧାତବ ସମୁଦ୍ରର ସ୍ଥିତି ଓ ତାହାର ଭାରସାମ୍ୟକୁ ଠିକ୍ ରଖି ନୂତନ ନକ୍ଷତ୍ର ମାନଙ୍କୁ ସୃଷ୍ଟି କରେ । ନିଜ ଶକ୍ତିରେ ଛାୟା ପଥକୁ ଘୁରାଇଥାଏ । ଏକ ଗାଣିତିକ ସମୀକରଣ ରୂପେ ଏହାର ଚତୁଃପାର୍ଶ୍ୱସ୍ଥ ଛାୟାପଥ ସମ୍ପର୍କରେ ବୈଜ୍ଞାନିକ ମାନଙ୍କୁ ସୂଚନା ଦିଏ । ଏହାର ଚତୁଃପାର୍ଶ୍ୱରେ ବିଶାଳ ଧୂଳି ଓ ବାଷ୍ପ ପଟଳ ଅଜ୍ଞାତ, ଆଶ୍ଚର୍ଯ୍ୟ ଆଲୋକ ସୃଷ୍ଟି କରେ ଓ ଦୀର୍ଘ ଚାପ୍ ତରଙ୍ଗ ସୃଷ୍ଟି କରେ । ବାୟୁ ଶୂନ୍ୟ ମହାକାଶରେ ବୈଜ୍ଞାନିକ ମାନେ ବାଦନ ସଂକେତ ମସ୍ତିଷ୍କ ମଧ୍ୟରେ ଗ୍ରହଣ କରି ଅନ୍ଧ, ମୂକ୍, ବଧିର ମାନଙ୍କ ପରି ଛାୟା ପଥ ସମ୍ପର୍କରେ ଜାଣି ପାରନ୍ତି । କେତେକଙ୍କ ମତରେ ଏହି କେନ୍ଦ୍ର କୃଷ୍ଣାବର୍ତ୍ତରୁ ଆସୁଥିବା ଧ୍ୱନି ଓମ୍ ଉଚ୍ଚାରଣ ପରି, ଯେଉଁଥିରୁ ସମସ୍ତ ଧ୍ୱନି ସୃଷ୍ଟି ହୋଇଅଛି । ତେଣୁ ଏହି କୃଷ୍ଣାବର୍ତ୍ତ ଠିକ୍ ଏକ ଶଙ୍ଖ ଓ ଶଙ୍ଖ ଅସ୍ଥି ସମାନ କାର୍ଯ୍ୟ କରିଥାଏ ।

ଦ୍ୱିତୀୟରେ ଚକ୍ର ରୂପକ ବାୟୁ ଓ ଜଳର ତରଙ୍ଗ ମାନେ ବିଦ୍ୟୁତ୍ ତଥା ଚୁମ୍ବକୀୟ ଶକ୍ତିକୁ ବହନ କରି ପ୍ରସାରିତ କରିଥାନ୍ତି । ଯେଉଁ ଚୁମ୍ବକୀୟ ଶକ୍ତି ବ୍ୟତୀତ ପୃଥିବୀ ତିଷ୍ଠି ରହିବା ସଂଭବ ହୋଇ ପାରି ନଥାନ୍ତା । ଦିନରେ ସୂର୍ଯ୍ୟଙ୍କୁ ଦେଖିଲେ ସୂର୍ଯ୍ୟ ଚକ୍ର ଘୁରୁ ଥିବାର ସ୍ପଷ୍ଟ ଜାଣିହୁଏ । ଆଧୁନିକ ଜୀବନରେ ରେଡ଼ିଓ ଦୂର ଦର୍ଶନ ଆଦି ହୁଏତ ଏହି ଚକ୍ର ବ୍ୟତୀତ ସଂଭବ ହୋଇ ପାରିନଥାନ୍ତା । ଯାନ, ବାହାନଠାରୁ କଳ କାରଖାନା ପର୍ଯ୍ୟନ୍ତ ଏହି ଚକ୍ରର କାର୍ଯ୍ୟ ପାଇଁ ଆମର ପ୍ରଗତିସଂଭବ କରି ପାରିଛି !...

ତୃତୀୟରେ ଗଦା ରୂପକ ସ୍ତୁପ ମାନେ ! ! ଯଦି ପୃଥିବୀ ରେ ଆଗ୍ନେୟ ଗିରି ରୂପକ ସ୍ତୁପମାନେ ନଥାନ୍ତେ ତେବେ ପୃଥିବୀ ର ତ୍ୱକ ବା ଗଠିତ ହୋଇଥାନ୍ତା କିପରି ? ଉଚ୍ଚ ଭୂମି ନଥିଲେ ଜଳ ଭାଗ ବା ସାଗର କିପରି ସୃଷ୍ଟି ହୋଇଥାନ୍ତା ? ପୃଥିବୀରେ ଖଣିଜ ପଦାର୍ଥ କିପରି ମିଳିଥାନ୍ତା । କିପରି ମେଘ ମାନେ ବର୍ଷା କରିଥାନ୍ତେ ? କିପରି ସୃଷ୍ଟି ହୋଇଥାନ୍ତା ନିର୍ଝର ଓ ସ୍ରୋତସ୍ୱତୀ ?.

ଆଉ ପଦ୍ମ ? ପଦ୍ମ ନଥିଲେ କିପରି ହୋଇଥାନ୍ତା ସୃଜନ, ଅଣୁରୁ ସ୍ତନ୍ୟ ପାୟୀବରାହ ଅବତାର ପର୍ଯ୍ୟନ୍ତ ? ? ?

(କ୍ରମଶଃ)

+ବାଲିଝରି, କାନପୁର, ବଡ଼ମ୍ବା, କଟକ

ନାରୀ ମୁଁ...

ବାସନ୍ତୀ ମହାନନ୍ଦ

ଧରିତ୍ରୀ କୋଳର ମଣିଷ ଜାତିରେ
ପ୍ରଥମ ସ୍ଥାନରେ ବାସ ମୁଁ !
ନାରୀ ମୁଁ ...
ନାରୀ ଓ ପୁରୁଷର ଆଙ୍ଗିକ
ସମ୍ପର୍କରେ ଅନ୍ୟ ଏକ ଜୀବ ସୃଷ୍ଟି ,
ସେ ପୁଣି ମଣିଷ ସମାଜରେ ଗଣିତ ।
ମୋ ଗର୍ଭରେ ଭୂର୍ଣ୍ଣ୍ୟର ଆକାରରେ
ନଅଁ ମାସ ଧରି ପାଲି ଥିବା ,
ଜୀବ ନିଶ୍ୱାସର ପାଖସ୍ଥଳୀ ମୁଁ
ପୁଣି ଏନ୍ତୁଡ଼ି ସାଳର ରକ୍ତ ଯୁଡୁ ବୁଡୁ ଅଙ୍ଗ ମୁଁ
ନାରୀ ମୁଁ.....!
ଶିଶୁ ଭୋକରେ କାଉଳି ହେଇ
ମୋ ସ୍ତନ ଖୋଜି ଖୋଜି କାନ୍ଦେ
ତା ଭୋକର ଆହାର ମୁଁ
ସ୍ତନ୍ୟପାୟୀ ମାଆ ମୁଁ
ନାରୀ ମୁଁ .....!
ମୋ ପରିଚୟ....
ନୂଆଁ ଜନ୍ମର ସୃଷ୍ଟିକାରୀ ମୁଁ...
ନାରୀ ମୁଁ.....!
ମୁଁ ସୃଷ୍ଟି ମୁଁ ବିନାଶ
ମୁଁ ଶକ୍ତି ମୁଁ ଦୂର୍ବଳା
ଇନ୍ଦ୍ର ପୁରୀର ଅପସରା ମୁଁ
ଦେବୀ ଆଖ୍ୟା ର ଅଧିକାରୀ ମୁଁ
ନାରୀ ମୁଁ....!
ମୋ ରୂପ....
ମୁଁ କନ୍ୟା ଗୋଟେ ଦମ୍ପତିର
ମୁଁ ଅଳି ଅଳି ଝିଅ ପିତା ଘରର
ମୁଁ ଭଗିନୀ ମୋ ଭାତୃ ପ୍ରେମର
ମୁଁ ପ୍ରେମିକା ମୋ ମନ ମଣିଷର
ପୁଣି, ମୁଁ ଜାୟା ମୋ ଜୀବନ ସାଥୀର
ମୁଁ ଗୋଟିଏରେ ଏକ ମୁଁ !
ନାରୀ ମୁଁ....!
ମୋ ଗୁଣ....
ମୁଁ ସହନଶୀଳତାର ଅଧିକାରୀ
ଚନ୍ଦ୍ରମା ପରି ଶୀତଳ ମୋ ସ୍ୱଭାବ
ଶାନ୍ତ ମାଧୂର୍ଯ୍ୟ ମୋ ମୁଖ ମଣ୍ଡଳ
ଫୁଲ ସଦୃଶ୍ୟ କମଳ ମୋ ଦେହ
ବାଣୀ ମୋ ମହୁ ଠୁ ମଧୁର
ଶାନ୍ତି, ପ୍ରୀତି, ଭକ୍ତି ବିଶ୍ୱାସର ପ୍ରତୀକ ମୁଁ...
ବାତ୍ସଲ୍ୟ ମମତାର ମାଆ ମୁଁ
ସେନେହ ଗୁଣର ଭଣ୍ଡାର ମୁଁ
ନାରୀ ମୁଁ....!
ମୋ ଶକ୍ତି ....
ଶାସ୍ତ୍ରରେ ଦୂର୍ଗା ମୁଁ ଶତ୍ରୁ ବିନାଶିନୀ !
ପ୍ରକୃତରେ...
ଲକ୍ଷ୍ମୀ ବାଈ ମୁଁ ସ୍ୱାଧୀନର ବର୍ଣ୍ଣାନି
ମୋ ମାଆ ମାଟି ମୋ ଦେଶ ପ୍ରେମରେ
ମୋ ଜୀବନ ଉତ୍ସର୍ଗ କାରିଣୀ ମୁଁ
ମୁଁ ସାବିତ୍ରୀ ବାଈ ହେଇ ଶିକ୍ଷାର ଜନନୀ ମୁଁ

ବାଲିଆପାଳ ବନ୍ଦକୁ ବିପୁଳ ଜନ ସମର୍ଥନ: ସାତ ଦିନ ମଧ୍ୟରେ ଏନ୍‌ଏସି ଘୋଷଣା ନହେଲେ ପ୍ରଶାସନକୁ ଅଚଳ କରିବୁ

ଲଙ୍ଗଳେଶ୍ୱର , ୨୮/୨ (ନି.ପ୍ର): ବାଲିଆପାଳ ବନ୍ଦକୁ ଆଜି ବିପୁଳ ଜନ ସମର୍ଥନ ମିଳିଥିବା ଦେଖିବାକୁ ମିଳିଛି । ତେବେ ଆଗାମୀ ସାତ ଦିନ ମଧ୍ୟରେ ସରକାର ବାଲିଆପାଳକୁ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍.ଏ. ସି.) ଘୋଷଣା ନ କଲେ ପ୍ରଶାସନକୁ ସଂପୂର୍ଣ୍ଣ ଅଚଳ କରି ଦିଆଯିବ ବୋଲି ଆନ୍ଦୋଳନ କାରୀମାନେ ଚେତାବନୀ ଦେଇଛନ୍ତି । ବାଲିଆପାଳକୁ ଏନ.ଏ.ସି .ଦାବି ନେଇ ଆଜି ଆଠ ଘଣ୍ଟିଆ ବନ୍ଦ ତୀବ୍ର ରୂପ ନେଇ ଥିବାବେଳେ ବରିଷ୍ଠ ନାଗରିକ, ସ୍ଥାନୀୟ ରାଜ ନେତା , ଯୁବ ଛାତ୍ର, ମହିଳା ସଂଗଠନ, ବୁଦ୍ଧିଜୀବୀ ପ୍ରମୁଖ ସବୁ ବର୍ଗର ଲୋକଙ୍କ ସ୍ୱତପ୍ରବୃତ୍ତ ସମାବେଶ ହୋଇ ଥିଲା । ସ୍ୱାଭିମାନୀ ବାଲିଆପାଳିଆ ମଞ୍ଚର ସଭାପତି ସତ୍ୟକାମ ମହାନ୍ତିଙ୍କ ନେତୃତ୍ୱରେ ଜାତି ଧର୍ମ ବର୍ଣ୍ଣ ଦଳ ନିର୍ବିଶେଷରେ ବାଲିଆପାଳର ହଜାର ହଜାର ଜନତା ଏହି ଆନ୍ଦୋଳନରେ ସାମିଲ ହେଇ ନିଜର ହକ ପାଇଁ ଲଢେଇ ଜାରି ରଖିଛନ୍ତି । କେବଳ ଅତ୍ୟାବଶ୍ୟକ ସାମଗ୍ରୀକୁ ଛାଡି ଦେଲେ ସମସ୍ତ ଦୋକାନ ବଜାର, ଗାଡ଼ି, ସରକାରୀ କାର୍ଯ୍ୟାଳୟ , ଘରୋଇ ଉଦ୍ୟୋଗ ମଧ୍ୟ ବନ୍ଦ ରହିଛି । ଏହି ଆନ୍ଦୋଳନରେ ମଞ୍ଚର ସମ୍ପାଦକ ଗୋବିନ୍ଦ ଦେବାଶିଷ ପାତ୍ର, ମଧୁପୁରା ସରପଞ୍ଚ ପ୍ରତିନିଧି ଲମ୍ବୋଦର ମାହାନା, ବାଲିଆପାଳ ସରପଞ୍ଚ ପ୍ରତିନିଧି ହେମନ୍ତ ଦାସ, ସମାଜସେବୀ ପ୍ରଦୀପ କୁମାର ଜେନା , ରିଙ୍କୁ ରଞ୍ଜନ କର, ଦଳିତ ନେତା ସଦାଶିବ ସେଠୀ , ବିନୋଦ କୁମାର ଜେନା, ବିକ୍ରମ କେଶରୀ ଦେ, ଶିଶିର କୁମାର ଖଣ୍ଡା, ସୁଭଦ୍ରା ରାଉତ ପ୍ରମୁଖ ସାମିଲ ହୋଇ ଥିଲେ । ପ୍ରାତଃ ରେ ମଞ୍ଚର କର୍ମକର୍ତ୍ତାମାନେ ବ୍ଲକ ଛକରେ ଟାୟାର ଜାଳି ପ୍ରତିବାଦ ଜଣାଇବା ସହିତ ସରକାର ବିରୋଧୀ ସ୍ଲୋଗାନମାନ ଦେଇଥିଲେ । ସେମାନେ ଏକ ପଟୁଆର ରେ ବାଲିଆପାଳ ଓ ବଡ ସିମୁଳିଆ ବଜାର ପରିକ୍ରମା କରିଥିଲେ । କୌଣସି ଆଡେ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇ ନାହିଁ । ପ୍ରକାଶ ଥାଉ କି , ବାଲିଆପାଳ ଏନ୍.ଏ. ସି. ହେବା ପାଇଁ ସମସ୍ତ ସର୍ତ୍ତ ପୂରଣ କରିଥିଲା ବେଳେ ଏନ୍ .ଏ .ସି. ନ ହେବା ପାଇଁ ଏବେ ଷଡ଼ଯନ୍ତ୍ର କରାଯାଇଛି । ୧୯୯୫ ରେ ଏହାର ସର୍ଭେ ସରିଥିଲା । କାଗଜ ପତ୍ର ମଧ୍ୟ ପ୍ରସ୍ତୁତ ସରିଥିଲା । କେବଳ ଘୋଷଣା ହେବାକୁ ବାକି ଥିଲା । ଲଙ୍ଗଳେଶ୍ୱର , ୨୮/୨ (ନି.ପ୍ର): ବହୁ ବାଦାନୁବାଦ ପରେ କେନ୍ଦ୍ର ସରକାରଙ୍କ ଅଧିନ ଝୋଟ ନିଗମ ମଙ୍ଗଳବାର ବାଲିଆପାଳରୁ ଝୋଟ କିଣିବା ଆରମ୍ଭ କରିଛି । ବାଲିଆପାଳ ଆର .ଏମ୍ .ସି. ଗୋଦାମ ଘରେ ଚାଷୀଙ୍କ ଠୁ ନିଗମ ଧାର୍ଯ୍ୟ ଦରରେ ଝୋଟ କିଣିଛି । ମଙ୍ଗଳି ଚରଣ ଜେନା, ଗୋପାଳ ମଲ୍ଲିକ, ରତ୍ନାକର ଦାସ, ସୁକାନ୍ତ ମାଣିକ, ଖଗେନ୍ଦ୍ର ଜେନା, ବଳରାମ ରାଉତ, ସବିତା ଧଳ, ବଙ୍କିମ ପାତ୍ର, ମାମୁନି ଜେନା, ରୁନି ଜେନା, ଜୀବନ କୃଷ୍ଣ ସାହୁ, ଦୀନବନ୍ଧୁ ପରିଡ଼ା, ସୁକାନ୍ତ କୁମାର ସାହୁ, ସୁଜୟ ରାଉତ, ଗୀତାଞ୍ଜଳୀ ଧଳ , ଯତୀନ୍ଦ୍ର ବାରିକ, ସଞ୍ଜୟ କୁମାର ପରିଡ଼ା, ଖଗେନ୍ଦ୍ର ବାରିକ, ସୁଶାନ୍ତ ନାୟକ ପ୍ରମୁଖ ଚାଷୀ ସେମାନଙ୍କର ଝୋଟ ଆଜି ବିକ୍ରି କରିଛନ୍ତି । ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀଙ୍କ ଉଦ୍ୟମ ଯୋଗୁଁ ଏହା ସମ୍ଭବ ହୋଇଛି ବୋଲି ଦଳୀୟ ନେତା ଅରବିନ୍ଦ ବେହେରା, ମନ୍ମଥ କୁମାର ପାତ୍ର, ଗୌରବ ଅଣ୍ଡିଆ, ସୁଦାମ ଚରଣ ଦାସ, ବସନ୍ତ ବାରିକ, ମନ୍ମଥ ନାୟକ ପ୍ରମୁଖ କହିଛନ୍ତି । ତେବେ ନିଗମର ଟାଳ ଟୁଳ ନୀତି ଯୋଗୁଁ ଏବେ ଚାଷୀଙ୍କ ପାଖରେ ସେମିତି ପର୍ଯ୍ୟାପ୍ତ ପରିମାଣର ଝୋଟ ନ ଥିବା ଜଣା ପଡିଛି ।

ଝୋଟ ନିଗମ ବାଲିଆପାଳରୁ ଝୋଟ କିଣିଲା

ମିଶନ ଶକ୍ତି ସୁଧ ଫେରସ୍ତ କାର୍ଯ୍ୟକ୍ରମ

କେନ୍ଦ୍ରାପଡ଼ା, ୨୮/୨ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ପରିସରରେ ମିଶନ ଶକ୍ତି ସୁଧ ଫେରସ୍ତ କାର୍ଯ୍ୟକ୍ରମ ବିଡିଓ ବନ୍ଦନାରାଣୀ ଖଟୁଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ କେନ୍ଦ୍ରାପଡା ବିଧାୟକ ଶଶି ଭୂଷଣ ବେହେରା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ବେଳେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଗୀତାଞ୍ଜଳୀ ସେଠୀ ସମ୍ମାନିତ ଅତିଥି ଭାବେ, ପୌର ଅଧ୍ୟକ୍ଷା ସରିତା ସାହୁ, ବ୍ଲକ ଅଧ୍ୟକ୍ଷା ରଶ୍ମିତା ସେଠୀ, ବ୍ଲକ ଉପାଧ୍ୟକ୍ଷା ପ୍ରତାପ ନାରାୟଣ ମହାପାତ୍ର, ସିଡିପିଓ କବିତା ନାୟକ, ଭାରପ୍ରାପ୍ତ ବିପିଏମ୍ ରବିନ୍ଦ୍ର ପଡିଆରୀ, ମିଶନ ଶକ୍ତି ଡିପିସି କୌଳସ ବାରିକ, ବିଏଲସି ନରେନ୍ଦ୍ର ନାୟକ, ଗୌରହରି ପାଣି, ସୌରଭ କୁମାର ଲେଙ୍କା, ସୁନିତା ନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ ।

ପୂର୍ତ୍ତମନ୍ତ୍ରୀଙ୍କ ଦ୍ୱାରା ମନ୍ତେଇ ନଦୀ ଉପରେ ଦୁଇ ଦୁଇଟି ସୁଉଚ୍ଚ ସେତୁ ନିର୍ମାଣ ପାଇଁ ଭୂମିପୂଜନ

ଭୁବନେଶ୍ୱର , ୨୮/୨ (ନି.ପ୍ର): କୁମ୍ଭୀର ପ୍ରବଣ, ବହୁ ଗଭୀର ପଙ୍କସ୍ତର ବିଶିଷ୍ଟ ମନ୍ତେଇ ନଦୀର ବାଲିଆପାଳ ଓ ଝରବାଟିଆ ଘାଟରେ ଦୁଇ ଦୁଇଟି ସୁ-ଉଚ୍ଚ ସେତୁ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଅର୍ଥ ମଞ୍ଜୁର ପରେ ଭୂମି ପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଇସ୍ପାତ, ଖଣି ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ମୁଖ୍ୟ ଅତିଥି ଭାବେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଭୂମି ପୂଜନ କରିବା ସହ ଦୁଇ ଘାଟ ନିକଟରେ ଆୟୋଜିତ ସାଧାରଣ ସଭାରେ ଜନ ସାଧାରଣଙ୍କ ଉଦ୍ଦେଶ୍ୟରେ ଉଦ୍‌ବୋଧନ ରଖିଥିଲେ । ବାଲିଆପାଳ ନିକଟରେ ଡଙ୍ଗାରେ ବସି ମନ୍ତେଇନଦୀ ପାରି ହୋଇ ଘାଟ ସେପାରିକୁ ଯାଇ ଫେରିଥିଲେ । ଜିଲ୍ଲା ଯୋଜନା ବୋର୍ଡ଼ର ଅଧ୍ୟକ୍ଷ ତଥା ଝନ୍ଦବାଲି ବିଧାୟକ ଡ. ବ୍ୟୋମକେଶ ରାୟ, ସାଂସଦ ମଞ୍ଜୁଲତା ମଣ୍ଡଳ, ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ବାସୁଦେବପୁର ବ୍ଲକ୍ ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳ, ସମିତି ସଭ୍ୟା ସୁନିତା ଦାସ, ଜିଲ୍ଲା ପରିଷଦ ସଭ୍ୟଙ୍କ ପ୍ରତିନିଧି କୃଷ୍ଣଚନ୍ଦ୍ର ଘଡ଼େଇ, କରଞ୍ଜଆଡ଼ିଆ ସରପଞ୍ଚ ମାର୍କଣ୍ଡ ଦାସ, ବ୍ଲକ୍ ଉପାଧ୍ୟକ୍ଷଙ୍କ ପ୍ରତିନିଧି ଚିନ୍ମୟ ବାରିକ୍ ପ୍ରମୁଖ ଅନ୍ୟତମ ଅତିଥିଭାବେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଯୁବ ସମାଜସେବୀ ଓ ରାଜନୀତି କର୍ମୀ ଅସିତ୍ ଦାସ ସଭାପତିତ୍ୱ କରିଥିଲାବେଳେ ରାକେଶ ପ୍ରୀନ୍ସ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ସୂଚନା ଯୋଗ୍ୟକି ବାଲିଆପାଳ ଘାଟରେ ସୁଉଚ୍ଚ ବିଶାଳ ସେତୁ ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ତରଫରୁ ୩୦ କୋଟି ୭୨ଲକ୍ଷ ଏବଂ ଝରବାଟିଆ ସେତୁ ପାଇଁ ୨୮ କୋଟି ଟଙ୍କା ମଞ୍ଜୁର କରାଯାଇଛି । ଏହି ନଦୀର ଆକାର ଛୋଟ ହେଲେ ମଧ୍ୟ ଏହାର ଅନ୍ତଃ ଶଯ୍ୟାରେ ବହୁ ଗଭୀର ପଙ୍କସ୍ତର ଯୋଗୁଁ ପୋଲ ନିର୍ମାଣ ପାଇଁ ଦୃଢ ମୃତ୍ତିକାର ଅଭାବ, କୁମ୍ଭୀର ପ୍ରବଣତା ପୁଣି ଅନ୍ତଃସ୍ରୋତ ଜଳ ଯୋଗୁଁ ପୋଲ ନିର୍ମାଣ କିପରି କଷ୍ଟ ଓ ବ୍ୟୟ ସାପେକ୍ଷ ଜନ ପ୍ରତିନିଧିମାନେ ପ୍ରକାଶ କରିଥିଲେ । ପୁଣି ଏହା ଆର.ଡ଼ି. ଅଧୀନରେ ଥିବାରୁ ବହୁ ଦିନରୁ ଏହି ପୋଲପାଇଁ ଦାବୀ କରାଯାଇ ଆସୁଥିଲେ ବି ବ୍ୟୟ ବହୁଳ ଯୋଗୁଁ ଏହା ସମ୍ଭବ ହୋଇ ପାରୁ ନଥିଲା । ସ୍ଥାନୀୟ ବିଧାୟକଙ୍କ ଉଦ୍ୟମ, ମୁଖ୍ୟମନ୍ତ୍ରୀଙ୍କ ପୂର୍ଣ୍ଣ ସମର୍ଥନ କ୍ରମେ କେନ୍ଦ୍ର ସରକାରଙ୍କ ଅନୁମୋଦନ ପାଇ ଆର.ଡ଼ି.ରୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର ପରେ ପୋଲ ନିର୍ମାଣ ପାଇଁ ସୁଦିନ ଆସିଛି ବୋଲି ଅତିଥି ମାନେ ସ୍ଥାନୀୟ ବାସିନ୍ଦାଙ୍କୁ ଜଣାଇଥିଲେ । ଏଥିପାଇଁ ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଶୁଭ ପ୍ରଦାନ କରାଯାଇଥିଲା । ଏବେ ଏ ପୋଲ ନିର୍ମାଣ କାମ ଅଟକିବ ନାହିଁ । ୨ ବର୍ଷ ମଧ୍ୟରେ ନିର୍ମାଣ କାର୍ଯ୍ୟ ଶେଷ କରାଯିବ ବୋଲି ପ୍ରକାଶ କରାଯାଇଥିଲା । ଏ ଦୁଇ ପୋଲ ନିର୍ମାଣ ପରେ ବାସୁଦେବପୁର ଓ ଝନ୍ଦବାଲି ବ୍ଲକ୍ ଯୋଡ଼ିହେବ ଏବଂ ଉଭୟ ପାଖର ଅନେକ ଲୋକ ଯାତାୟତରେ ବିଶେଷ ସୁବିଧା ପାଇବେ । ଡଙ୍ଗା, କୁମ୍ଭୀର ଆଦି ଯୋଗୁଁ ଘଟୁଥିବା ଜୀବନ ହାନୀ ସମସ୍ୟା ସବୁଦିନ ପାଇଁ ସମାଧାନ ହୋଇଯିବ । ଭୁବନେଶ୍ୱରକୁ ଯିବାପାଇଁ ଦୂରତା ହ୍ରାସ ପାଇବ । ଭୂମି ପୂଜନ ପରେ ମନ୍ତ୍ରୀ ବାଲିମେଦ, କମାର ଗାଁ ରାସ୍ତା ନିର୍ମାଣ ଓ ଉନ୍ନତି କରଣ ପାଇଁ ଶୁଭ ଦେବା ସହିତ କୌଣସି ରାସ୍ତା ଖରାପ ରହିବ ନାହିଁ ବୋଲି ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ । ସ୍ୱାଧୀନତା ସଂଗ୍ରାମରେ ଉକ୍ତ ଅଞ୍ଚଳର ଅନନ୍ୟ ଭୂମିକାକୁ ମଧ୍ୟ ମନ୍ତ୍ରୀ ସ୍ମୃତିଝରଣ କରିଥିଲେ । ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଦୀପକ କୁମାର ପାଣିଗ୍ରାହୀ ଏବଂ ଝନ୍ଦବାଲି ଓ ବାସୁଦେବପୁର ଉଭୟ ଦାୟିତ୍ୱରେ ଥିବା ପୂର୍ତ୍ତ ସହକାରୀ ନିର୍ବାହୀଯନ୍ତ୍ରୀ ଉମ୍ବରୁଧର ମଣ୍ଡଳ ମଧ୍ୟ ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

ଅତ୍ୟାଧୁନିକ ବୈଷୟିକ କୌଶଳ ଦ୍ୱାରା ଚାଳିତ ଆମ୍ବୁଲାନ୍ସ ଜିଲ୍ଲା ପ୍ରଶାସନକୁ ହସ୍ତାନ୍ତର

ମୟୁରଭଞ୍ଜ , ୨୮/୨ (ନି.ପ୍ର): ୪ଅତ୍ୟାଧୁନିକ ବୈଷୟିକ କୌଶଳ ଦ୍ୱାରା ଚାଳିତ ଆମ୍ବୁଲାନ୍ସ ଜିଲ୍ଲା ପ୍ରଶାସନ ମୟୁରଭଞ୍ଜଙ୍କୁ ହସ୍ତାନ୍ତର ହେଲା । ସମସ୍ତ ସୁବିଧା ଏବଂ କାର୍ଯ୍ୟଶୈଳୀ ଅନୁଧ୍ୟାନ ଏବଂ ନିରୀକ୍ଷଣ କଲା ପରେ ଡେପୁଟି କଲେକ୍ଟର (ଜରୁରୀକାଳୀନ) ସୁଶ୍ରୀ ଶ୍ରଦ୍ଧା ସୁମନ (ଓ.ପ୍ର.ସେ.)ଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡଃ ଅଭୟ କୁମାର ଦାଶ ଆମ୍ବୁଲାନ୍ସ ଟିକୁ ହସ୍ତାନ୍ତର କରିଥିଲେ । ସୂଚନାଯୋଗ୍ୟଯେ, ଜାତୀୟ ରେଡ଼-କ୍ରସ ଦ୍ୱାରା ପ୍ରଦତ୍ତ ଏହି ଆମ୍ବୁଲାନ୍ସ ସମସ୍ତ ସହାୟତା ସୁବିଧା ସହିତ ସଜ୍ଜିତ ଏବଂ ଜରୁରୀକାଳୀନ ପରିସ୍ଥିତିରେ ସହାୟକ ହେବ ବୋଲି ଡେପୁଟି କଲେକ୍ଟର ଆଶା ପୋଷଣ କରିଥିଲେ । ଏହି ଆମ୍ବୁଲାନ୍ସ ହସ୍ତାନ୍ତର ସମୟରେ କଲେକଟରେଟ ବରିଷ୍ଠ କର୍ମଚାରୀ ଶ୍ରୀ ରବିନ୍ଦ୍ରନାଥ ଦାଶ, ସପନ କୁମାର ମଙ୍ଗରାଜ, ଏବଂ ଅନ୍ୟାନ୍ୟ କର୍ମଚାରୀ ତଥା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର କର୍ମଚାରୀ ମାନେ ଉପସ୍ଥିତ ଥିବା ପ୍ରକାଶ ।

ବରସୁଆଁ ଆଇରନ ମାଇନ୍ସ ଦ୍ୱାରା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସିଲେଇ ମେସିନ୍ ବଣ୍ଟନ

ରାଉରକେଲା, ୨୮/୨ (ନି.ପ୍ର): ସେଲ ରାଉରକେଲା ଇସ୍ପାତ କାରଖାନାର ଓଡ଼ିଶା ଗ୍ରୁପ୍ ଅଫ୍ ମାଇନ୍ସ ଅଧୀନସ୍ଥ ବରସୁଆଁ ଆଇରନ୍ ମାଇନ୍ସ (ବି ଆଇ ଏମ୍) ଦ୍ୱାରା ଏହାର ସିଏସ୍‌ଆର୍ ପ୍ରୟାସ ସ୍ୱରୂପ, ଫେବୃଆରୀ ୨୪ ତାରିଖ ଦିନ ଶସ୍ୟକେଲା ଗ୍ରାମ ପଂଚାୟତ, ଛରଧାରା ଗ୍ରାମ ପଂଚାୟତ ଓ ଡେଙ୍ଗୁଳା ଗ୍ରାମ ପଂଚାୟତ ଭଳି ପାର୍ଶ୍ୱାଞ୍ଚଳ ଗ୍ରାମରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଆଜୀବିକା ପ୍ରୋତ୍ସାହନ ଉଦ୍ଦେଶ୍ୟରେ ୩୪ ଟି ସିଲେଇ ମେସିନ୍ ବଣ୍ଟନ କରାଯାଇଥିଲା । ବରସୁଆଁ ଆଇରନ ମାଇନ୍ସ, ସି ଏସ ଆର ବିଭାଗର ଏ ଜି ଏମ ଶ୍ରୀ ବି ଦତ୍ତ ଏବଂ ସିଭିଲ ବିଭାଗର ଡେପୁଟି ମ୍ୟାନେଜର ଶ୍ରୀ ଏ ଆର ରାଉତ, ହିତାଧିକାରୀଙ୍କୁ ସିଲେଇ ମେସିନ୍ ବଣ୍ଟନ କରିଥିଲେ । ଉକ୍ତ ସିଲେଇ ମେସିନଗୁଡିକର ଯୋଗାଣ, ଅବହେଳିତ ବର୍ଗର ଲୋକଙ୍କର ଆର୍ଥିକ ସଶକ୍ତିକରଣରେ ସେମାନଙ୍କୁ ବିଭିନ୍ନ ରୋଜଗାର କାର୍ଯ୍ୟକଳାପରେ ନିୟୋଜିତ କରିବାରେ ସହାୟକ ହେବ ବୋଲି ଆଶା କରାଯାଉଛି । ଅଧିକନ୍ତୁ, ଦକ୍ଷତା ବିକାଶର ମହତ୍ୱ କୁ ସ୍ୱୀକୃତି ଦେଇ, ବରସୁଆଁ ଆଇରନ ମାଇନ୍ସ କେତେକ ସ୍ୱୟଂ ସହାୟକ ଗୋଷ୍ଠୀଗୁଡିକୁ ସିଲେଇ ଉପରେ ଏକ ତାଲିମ ଅଧିବେଶନ ର ଆୟୋଜନ ମଧ୍ୟ କରାଯାଇ ଥିଲା ।

କେନ୍ଦୁଝର-ପାଟଣା ମୁଖ୍ୟ ରାସ୍ତାରେ ଯାନବାହନ ଚଳାଚଳ ବ୍ୟାହତ

କେନ୍ଦୁଝର, ୨୮/୨ (ନି.ପ୍ର): ପାଣି ପାଇଁ ରାସ୍ତାରୋକ କରିଛନ୍ତି ଶତାଧିକ ମହିଳା । ଗରା, ବାଲଟି ଓ ଡେକଚି ଧରି ସେମାନେ ରାସ୍ତାରେ ବସି ରହିଛନ୍ତି । ଫଳରେ କେନ୍ଦୁଝର-ପାଟଣା ମୁଖ୍ୟ ରାସ୍ତାରେ ଦୀର୍ଘ ସମୟ ଧରି ଯାନବାହନ ଚଳାଚଳ ବ୍ୟାହତ ହୋଇଛି । କେନ୍ଦୁଝର ସଦର ବ୍ଲକ ମୁଣ୍ଡା ପଂଚାୟତ ଅନ୍ତର୍ଗତ ଗୋବିନ୍ଦପୁର ବାସିନ୍ଦା ବର୍ଷ ବର୍ଷ ଧରି ପାଣିର ସୁବିଧା ପାଉନଥିବା ଅଭିଯୋଗ କରିଛନ୍ତି । ଗାଁରେ ପ୍ରାୟ ୧୫୦୦ ଲୋକ ରହୁଥିବା ବେଳେ ଗାଁରେ ରହିଛି ମାତ୍ର ଦୁଇଟି ନଳକୂପ । ଯାହାକି ଯଥେଷ୍ଟ ନୁହେଁ । ଅନେକ ସମୟରେ ଏହି ନଳକୂପରୁ ପାଣି ବାହାରୁନଥିବା ଅଭିଯୋଗ ହେଉଛି । ଷ୍ଟାଣ୍ଡପୋଷ୍ଟ ଗୁଡିକ ମଧ୍ୟ ଭାଙ୍ଗି ଗଲାଣି । ଦିନକୁ ଦିନ ତାପମାତ୍ରା ବୃଦ୍ଧି ପାଉଥିବା ବେଳେ ଅଂଚଳରେ ଜଳକଷ୍ଟ ବୃଦ୍ଧି ପାଇଛି । ଏନେଇ ଜିଲ୍ଲାପାଳ, ସରପଂଚ ସମସ୍ତଙ୍କୁ ଜଣାଇଥିଲେ ସୁଦ୍ଧା ସମସ୍ୟାର ସମାଧାନ ହୋଇପାରିନାହିଁ । ଏଣୁ ତୁରନ୍ତ ଜଳଯୋଗାଣ ବ୍ୟବସ୍ଥା କରିବାକୁ ଆନ୍ଦୋଳନକାରୀମାନେ ଦାବି କରିଛନ୍ତି ।

କ୍ୟାନସର ପୀଡିତ ଆର୍ଗନଙ୍କ ଚିକିତ୍ସାରେ ଅର୍ଥ ସାଜିଛି ବାଧକ

ବଲାଙ୍ଗିର, ୨୮/୨ (ନି.ପ୍ର): ଦଶମ ଶ୍ରେଣୀର ଛାତ୍ର ଅର୍ଗନ । ବୟସ ମାତ୍ର ୧୫ ବର୍ଷ । ହେଲେ ବିଧିର ବିଧାନ କିଛି ଅଲଗା । ପ୍ରଥମେ ଅସୁସ୍ଥତା ଅନୁଭବ କରିବାରୁ ଡାକ୍ତରଙ୍କ ପାଖକୁ ଯିବାରୁ ସେଠାରେ ଲିମ୍ଫୋମା ଟ୍ୟୁମର ହୋଇଥିବା ନେଇ ଜାଣିବାକୁ ପାଇଥିଲେ । ପରେ ତାହା କ୍ୟାନସର ବୋଲି ଜଣାପଡ଼ିଥିଲା । ବର୍ତମାନ ଭୁବନେଶ୍ୱରରେ ଛଅ ମାସ ହେଲାଣି ଏମ୍ସରେ ଚିକିତ୍ସା ଚାଲିଛି । ଅର୍ଥ ଅଭାବରୁ ଏଥିରେ ବାଧା ହୋଇଥିବାରୁ ଜୀବନ ଯୁଦ୍ଧରେ ସଂଗ୍ରାମ କରୁଛନ୍ତି । ସମ୍ବଲପୁରର ୧୫ ବର୍ଷର ବାଳକ ଆର୍ଗନ କୁମାର ନାଏକ । ସମ୍ବଲପୁର ଜଗନ୍ନାଥ କଲୋନିର ଜିତା ନାଏକଙ୍କ ଏକ ମାତ୍ର ପୁଅ ଆର୍ଗନ । ଛଅ ମାସ ତଳେ ହୃଦ୍ଘାତରେ ସ୍ୱାମୀଙ୍କୁ ହରାଇଛନ୍ତି ଜିତା । ଉଭୟଙ୍କ ବିବାହ ପରେ ପରିବାର ଲୋକ କେହି ପଚାରୁ ନାହାନ୍ତି । ସ୍ୱାମୀ ଚାଲିଯିବା ପରେ ଏକ ଘରୋଇ ସଂସ୍ଥାରେ ନାଚ ଓ ଗୀତ ସିଲାଇ ଶିଖାଇ ପୁଅକୁ ପାଠ ପଢ଼ାଇବା ସହ ପରିବାର କଷ୍ଟମଷ୍ଟେ ଚଳାଇ ନେଉଥିଲେ । କିନ୍ତୁ, ଗତ କିଛି ମାସ ହେବ ତାଙ୍କ ପୁଅ ଅସୁସ୍ଥ ହେବାରୁ ସମ୍ବଲପୁରର ଏକ ଘରୋଇ ଡ଼ାକ୍ତରଖାନାକୁ ଚିକିତ୍ସା ପାଇଁ ନେଇଥିଲେ । ସେଠାରେ ଡ଼ାକ୍ତର ଏହା କ୍ୟାନସର ବୋଲି କହିଥିଲେ । ଏହା ଜାଣିବା ପରେ ଭୁବନେଶ୍ୱର ଏମ୍ସକୁ ଚିକିତ୍ସା ପାଇଁ ଗଲେ । ଛଅ ମାସରୁ ଉର୍ଦ୍ଧ୍ୱ ହେବ ଚିକିତ୍ସା ଚାଲିଥିବାରୁ ବର୍ତମାନ ଚିକିତ୍ସାରେ ଅର୍ଥ ବାଧକ ସାଜିଛି । ପାଖରେ ଥିବା ସଂଚୟ ଟଙ୍କା ଚିକିତ୍ସାରେ ସରିଯାଇଛି । ପରିବାର କିମ୍ବା କୌଣସି ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ମଧ୍ୟ କେହି କିଛି ସାହାଜ୍ୟ କରୁ ନାହାନ୍ତି । ଏକ ମାତ୍ର ରୋଜଗାରକ୍ଷମ ସ୍ୱାମୀ ମଧ୍ୟ ଆଉ ନାହାନ୍ତି । କୌଣସି ସରକାରୀ ଯୋଜନାରେ ଏ ପର୍ଯ୍ୟନ୍ତ କୌଣସି ସାହାଯ୍ୟ ମିଳି ନାହିଁ । ଯଦି କେହି ସହୃଦୟ ବ୍ୟକ୍ତି ସହାୟତା କରନ୍ତି, ତେବେ ତାଙ୍କ ପୁଅ ଆର୍ଗନର ଜୀବନ ବଂଚାଇବାକୁ ଚେଷ୍ଟା କରିବାକୁ ବିନମ୍ର ଅନୁରୋଧ କରିଛନ୍ତି । ରାଜ୍ୟ ସରକାର କିମ୍ବା କେହି ସହୃଦୟ ବ୍ୟକ୍ତି ଯଦି ସହାୟତା କରିବାକୁ ଚାହାନ୍ତି ତେବେ ମୋବାଇଲ ନମ୍ବର ୮୧୧୪୯୮୬୩୬୫ ରେ ଯୋଗାଯୋଗ କରିବାକୁ ଅନୁରୋଧ ।

ଦେଶି ମଦ ଚାଲାଣ ବେଳେ ଚଢ଼ଉ: ଜଣେ ଗିରଫ

ଜୟପୁର, ୨୮/୨ (ନି.ପ୍ର): ଦେଶି ମଦ ଚାଲାଣ ବେଳେ ଜୟପୁର ଅବକାରି ଥାନା ପକ୍ଷରୁ ଆଜି ଚଢଉ କରାଯାଇ ଜଣେ ଅଭିଯୁକ୍ତକୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତ ଜଣକ ହେଲା କୁଶପୁରୀ ଗ୍ରାମର କୁଲୁ ପୁଜାରୀ । ଜୟପୁର ଅବକାରି ଥାନା ସୂଚନା ଅନୁଯାଇ, ଦେଶି ମଦ ଚାଲାଣ ହେଉଥିବା ବେଳେ କୁଶପୁରୀ ଗ୍ରାମ ରାସ୍ତାରେ ଚଢଉ କରିଥିଲା । ଚଢଉ କରି ଜଣେ ଅଭିଯୁକ୍ତକୁ ଗିରଫ କରି ୧୩ ଲିଟର ଦେଶି ମଦ ଜବତ କରିଛି । ଗିରଫ ଅଭିଯୁକ୍ତକୁ କୋର୍ଟଚାଲାଣ କରାଯାଇଥିବା ବିଷୟ ଜୟପୁର ଅବକାରି ଥାନା ଓଆଇସି ନିଳାଦ୍ରୀ ବିହାରି ମିଶ୍ର ସୂଚନା ଦେଇଛନ୍ତି ।

ପୂର୍ବତନ ସରପଞ୍ଚଙ୍କ ପ୍ରତିମୂର୍ତ୍ତି ସ୍ଥାପନ

ନୀଳଗିରି , ୨୮/୨ (ନି.ପ୍ର): ନୀଳଗିରି ବ୍ଲକ୍ ଅଧିନ

ବରିଷ୍ଠ ନାଗରିକ ତୀର୍ଥଯାତ୍ରା: ୨ୟ ଦଫାରେ ଭଦ୍ରକରୁ ଯିବେ ୧୪୬

ଭଦ୍ରକ , ୨୮/୨ (ନି.ପ୍ର): ଓଡ଼ିଶା ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ୨ୟ ଦଫାରେ ଭଦ୍ରକ ଜିଲ୍ଲାରୁ ୧୪୬ ଜଣ ଯିବା ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ଭଦ୍ରକ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ମାର୍ଗଦର୍ଶନରେ ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି ଏବଂ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ କାର୍ତ୍ତିକ ନାଥ ମଣ୍ଡଳଙ୍କ ସଂଯୋଜନାରେ ତାଲିକାଭୁକ୍ତ ହୋଇଥିବା ବରିଷ୍ଠ ନାଗରିକମାନଙ୍କୁ ତୀର୍ଥ ଯାତ୍ରାରେ ପ୍ରେରଣ କରାଯିବା ପାଇଁ ଆନୁସଙ୍ଗିକ ବ୍ୟବସ୍ଥା ଓ କାର୍ଯ୍ୟକ୍ରମ ସମୀକ୍ଷା କରାଯାଇ ଆବଶ୍ୟକ ପଦକ୍ଷେପ ନିଆଯାଇଛି । ସୂଚନାଯୋଗ୍ୟକି ଏହି ତୀର୍ଥ ଯାତ୍ରାରେ ଯାତ୍ରୀମାନେ ମାର୍ଚ୍ଚ ୨ ତାରିଖରୁ ୭ ତାରିଖ ପର୍ଯ୍ୟନ୍ତ ଆଗ୍ରା ଓ ମଥୁରାକୁ ଯିବାର କାର୍ଯ୍ୟକ୍ରମ ଅଛି । ଏହି ଯାତ୍ରାରେ ଯିବା ପାଇଁ ଚାନ୍ଦବାଲି ବ୍ଲକ୍ ରୁ ୨୦ ଜଣ, ତିହିଡ଼ିରୁ ୧୨, ଧାମନଗରରୁ ୧୯, ଭଣ୍ଡାରିପୋଖରୀ ରୁ ୧୧, ବନ୍ତ ରୁ ୨୭, ଭଦ୍ରକ ବ୍ଲକ୍ ରୁ ୩୩ ଓ ମ୍ୟୁନିସିପାଲିଟିରୁ ୪, ବାସୁଦେବପୁର ବ୍ଲକ୍‌ର ୧୮ ଓ ମ୍ୟୁନିସିପାଲିଟିରୁ ୨ ସମୁଦାୟ ୧୪୬ ଜଣଙ୍କ ନାମ ସମସ୍ତ ଆବେଦନକାରୀଙ୍କ ମଧ୍ୟରୁ ରାଣ୍ଡାମାଇଜେସନ କରିଆରେ ତାଲିକାଭୁକ୍ତ କରାଯାଇଥିଲା । ମାର୍ଚ୍ଚ ୧ ତାରିଖରେ ଭଦ୍ରକ ଜିଲ୍ଲା କାର୍ଯ୍ୟାଳୟ ପରିସରୁ ବସ୍ ଦ୍ୱାରା ଏହି ଯାତ୍ରାର ଶୁଭାରମ୍ଭ କରାଯିବ । ପ୍ରତି ବ୍ଲକ୍‌ରୁ ଆସିବାକୁ ଥିବା ଯାତ୍ରୀମାନଙ୍କର ବ୍ଲକ୍ ସ୍ତରରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଜିଲ୍ଲା ସଦର ମହକୁମାକୁ ଅଣାଯାଇ ଜିଲ୍ଲା ସଂସ୍କୃତି ଭବନରେ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା ପରେ ଅପରାହ୍ନ ୩ଟାରେ ଯାତ୍ରାର ଶୁଭାରମ୍ଭ କରାଯିବ । ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ପରିଚାଳିତ ହେବାକୁ ଥିବା ଏହି ତୀର୍ଥଯାତ୍ରା ଶୁଭାରମ୍ଭ କାର୍ଯ୍ୟକ୍ରମରେ ସାଂସଦ, ବିଧାୟକ, ଜିଲ୍ଲାପରିଷଦ ସଭାପତି, ଅତିରିକ୍ତ ଜିଲ୍ଲାପାଳ ଆଦି ଯୋଗ ଦେଇ ପତାକା ପ୍ରଦର୍ଶନ ପୂର୍ବକ ଏହି ତୀର୍ଥଯାତ୍ରାର ଶୁଭାରମ୍ଭ କରିବା କାର୍ଯ୍ୟସୂଚୀ ଥିବା ନେଇ ଜିଲ୍ଲା ପର୍ଯ୍ୟଟନ ଅଧିକାରୀଙ୍କ ଠାରୁ ପ୍ରକାଶ । ପ୍ରକାଶ ଥାଉକି ୬୦ ରୁ ଉର୍ଦ୍ଧ୍ୱ ଓ ୭୫ ବର୍ଷରୁ କମ ବୟସର ବରିଷ୍ଠ ନାଗରିମାନଙ୍କ ମଧ୍ୟରେ ଆର୍ଥିକ ଅନଗ୍ରସରମାନଙ୍କୁ ସମ୍ପୂର୍ଣ୍ଣ ନିଃଶୁଳ୍କ ଭାବେ ଏହି ଯାତ୍ରା ସୁବିଧା ମିଳିଥାଏ । କୌଣସି ବରିଷ୍ଠ ନାଗରିକ ଯାତ୍ରୀ ନିଜର ସହାୟକ ନେବାକୁ ଇଚ୍ଛୁକ ଥିଲେ, ୮ ହଜାର ୪୦୦ଟଙ୍କା ପଇଠ କରିବାକୁ ପଡ଼ିବ । କୌଣସି ସ୍ୱଚ୍ଛଳ ବ୍ୟକ୍ତିଙ୍କ ନାମ ତାଲିକାଭୁକ୍ତ ହୋଇଥିଲେଏହି ତୀର୍ଥଯାତ୍ରା ପାଇଁ ୧୬,୮୦୦ଟଙ୍କା ଦେୟ ପଇଠ କରିବାକୁ ପଡ଼ିଥାଏ । ଏହି ଯାତ୍ରାରେ ଯାତ୍ରୀମାନଙ୍କ ସୁବିଧା ଅସୁବିଧା ବୁଝିବା ପାଇଁ ୫ଜଣ ଏସ୍‌କଟ୍ ଅଫିସରଙ୍କୁ ନିଯୁକ୍ତ କରାଯାଇଛି । ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀମାନଙ୍କୁ ବ୍ଲକ ସ୍ତରୀୟ ନୋଡ଼ାଲ ଅଧିକାରୀଭାବେ ଏହି ଯାତ୍ରା ପାଇଁ ଦାୟିତ୍ୱ ଅର୍ପଣ କରାଯାଇଛି । ଏହି ଯାତ୍ରାରେ ଯାତ୍ରୀମାନେ ୧ରେ ଭଦ୍ରକରୁ ଯାଇ ମାର୍କ ୨ରେ ବାଲେଶ୍ୱର ରୁ ରେଳ ଯୋଗେ ଯାତ୍ରା କରିବେ । ସୂଚନାଯୋଗ୍ୟକି ଏହି ଯାତ୍ରା ଓଡ଼ିଶାର ୧୦ମ ପର୍ଯ୍ୟାୟ ଥିଲା ବେଳେ ଭଦ୍ରକର ୨ୟ ପର୍ଯ୍ୟାୟ ଅଟେ । ଭଦ୍ରକର ପ୍ରଥମ ପର୍ଯ୍ୟାୟରେ ଜାନୁଆରି ୫ ରୁ ୧୦ ପର୍ଯ୍ୟନ୍ତ ତୀର୍ଥ ଯାତ୍ରାରେ ୧୪୬ଜଣ ଉଜ୍ଜୟନୀ ଓ ଓଁଙ୍କାରଶ୍ୱେର ଯାତ୍ରା କରିଥିଲେ ।

ଗୋବର୍ଦ୍ଧନପୁର ସରକାରୀ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଜଳେଶ୍ୱର , ୨୮/୨ (ନି.ପ୍ର): ଜଳେଶ୍ୱର ବ୍ଲକର ଗୋବର୍ଦ୍ଧନପୁର ସରକାରୀ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପଂକଜ କୁମାର ଜେନା, ସଭାପତିତ୍ୱ କରି ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ମୁଖ୍ୟ ଅତିଥିଭାବେ ସମାଜସେବୀ ରାଧାଶ୍ୟାମ ନାଥ, ମୁଖ୍ୟବକ୍ତାଭାବେ ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ବ୍ରଜମୋହନ ପ୍ରଧାନ, ସମ୍ମାନୀତ ଅତିଥିଭାବେ କୋଟସାହିସ୍ଥିତ କ୍ଷୀରୋଦ ପ୍ରସାଦ ସରକାରୀ ନୋଡାଲ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଧିର କର ପ୍ରମୁଖ ଯୋଗ ଦେଇ ଗୁରୁ-ଛାତ୍ର ପରମ୍ପରାର ବିକାଶ ସହିତ ଭାରତୀୟ ସଂସ୍କୃତିରେ ଛାତ୍ରଛାତ୍ରୀଙ୍କ ମାନସୀକ ଓ ବୌଦ୍ଧିକ ଉନ୍ନତି ଘଟିପାରିବ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସିଆର୍‌ସିସି ରାମଚନ୍ଦ୍ର ଜେନା, ଖଗେନ୍ଦ୍ର ନାଥ ନନ୍ଦି, ତରୁଣ ନାଥ, ରଂଜନ ଦଳେଇ, ବଂଶୀଧର ବେହେରା, ହରିଶଂକର ନାଥ, ଅଜୟ ଜେନା, ବରୁଣ ବେହେରା ପ୍ରମୁଖ ବକ୍ତବ୍ୟ ରଖିଥିଲେ । ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା ।

ଆଚାର୍ଯ୍ୟ ହରିହର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆଚାର୍ଯ୍ୟ ହରିହରଙ୍କ ଜୟନ୍ତୀ ପାଳିତ

ଭୁବନେଶ୍ୱର, ୨୮/୨ (ନି.ପ୍ର): ଚନ୍ଦ୍ରଶେଖରପୁରସ୍ଥିତ ଆଚାର୍ଯ୍ୟ ହରିହର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ସତ୍ୟବାଦୀ ସାଧକ, ଆଦର୍ଶଗୁରୁ ଆଚାର୍ଯ୍ୟ ହରିହରଙ୍କ ୧୪୬ତମ ଜୟନ୍ତୀ ପାଳିତ ହୋଇଯାଇଛି । ବିଦ୍ୟାଳୟର ଅଧ୍ୟକ୍ଷ ଡ. ପବିତ୍ର କୁମାର ରଥଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଜୟନ୍ତୀ ଉତ୍ସବରେ ବିଶିଷ୍ଟ ଶିକ୍ଷାବିତ୍ ଅବସରପ୍ରାପ୍ତ ପ୍ରଫେସର ଡ. ଗୋପାଳ କୃଷ୍ଣ ଦାଶ ମୁଖ୍ୟ ବକ୍ତା ରୂପେ ଯୋଗଦାନ କରି ଆଚାର୍ଯ୍ୟ ହରିହରଙ୍କ ପ୍ରତ୍ୟକ୍ଷ ସାନ୍ନିଧ୍ୟ ଲାଭର ଅନୁଭୂତି ବର୍ଣ୍ଣନା କରିଥିଲେ । ମୁଖ୍ୟ ଅତିଥି ରୂପେ ଯୋଗଦାନ କରି ଡି.ସି.ପି. ଶ୍ରୀଯୁକ୍ତ ଉମାକାନ୍ତ ମଲ୍ଲିକ କହିଲେ ଯେ, ଆଚାର୍ଯ୍ୟ ହରିହରଙ୍କ ଜୀବନାଦର୍ଶ ଶୃଙ୍ଖଳାର ମନ୍ତ୍ରକୁ ଗ୍ରହଣ କରି ଏକ ଶୃଙ୍ଖଳିତ ଜୀବନ ଧାରଣ କରିବାର ଆବଶ୍ୟକତା ରହିଛି । ସମ୍ମାନିତ ଅତିଥି ରୂପେ ଯୋଗଦାନ କରିଥିଲେ ଶିକ୍ଷାବିତ୍ ଶ୍ରୀଯୁକ୍ତ କ୍ଷୀରୋଦ ଚନ୍ଦ୍ର ମଲ୍ଲିକ ।

ଧର୍ମପରାୟଣା ମହିଳାଙ୍କ ପରଲୋକ

ବସ୍ତା, ୨୮/୨ (ନି.ପ୍ର): ରୂପସା ଥାନା ଗଡ଼ପଦା ପଞ୍ଚାୟତ ଅନ୍ତର୍ଗତ ଜାମୁନିଆ ଗ୍ରାମର ସମାଜସେବୀ ନିରଞ୍ଜନ ବାରିକଙ୍କ ମାଆ ଧର୍ମପରାୟଣା ମହିଳା ଆଶାମଣି ବାରିକ (୯୨)ଙ୍କର ମଙ୍ଗଳବାର ରାତିରେ ମୃତ୍ୟୁ ଘଟିଛି । ସେ ଦୀର୍ଘ ଦିନ ଧରି କିଡ଼ନୀ ରୋଗରେ ପୀଡିତ ହୋଇ ଚିକିତ୍ସାଧୀନ ଥିଲେ । ଗତ କାଲି ଚିକିତ୍ସାଧୀନ ଅବସ୍ଥାରେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ତାଙ୍କର ମୃତ୍ୟୁ ଘଟିଥିଲା । ସେ ଅଭିରାମ ପରମହଂସ ଦେବଙ୍କ ଭକ୍ତ ଥିଲେ । ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ପୁଅ,ଝିଅ,ପୁଅ ବୋହୂ, ନାତି ନାତୁଣୀ, ନାତି ବୋହୂ ଉପସ୍ଥିତ ଥିଲେ । ଖବର ପାଇ ବୁଧବାର ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ଗ୍ରାମବାସୀ, ଜନପ୍ରତିନିଧି, ବନ୍ଧୁ ବାନ୍ଧବ, ଆତ୍ମୀୟ ସ୍ୱଜନ ତାଙ୍କ ପାଇକସାହି ସ୍ଥିତ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ । ତାଙ୍କ ମୃତ୍ୟୁରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

ଜଳ ସଂରକ୍ଷଣ ଓ ବର୍ଷାଜଳ ଅମଳ ସଂପର୍କରେ ଆଲୋଚନାଚକ୍ର

ବାଲେଶ୍ୱର, ୨୮/୨ (ନି.ପ୍ର): 'ଜଳହିଁ ଜୀବନ' । 'ଜଳ ସଂରକ୍ଷଣ ଓ ବର୍ଷାଜଳର ଅମଳ ଏବଂ ସୁବିନିଯୋଗ' ଶୀର୍ଷକ ରାଜ୍ୟସ୍ତରୀୟ ଆଲୋଚନାଚକ୍ରରେ ବୁଧବାର ଦିନ ବକ୍ତା ଓ ଅତିଥିମାନେ ଏହି ଆପ୍ତବାକ୍ୟର ଗୁରୁତ୍ୱ ଉପରେ ଆଲୋକପାତ କରିଛନ୍ତି । 'ଗ୍ରୀନ୍ ଜ୍ୟାକ୍‌ପଟ୍ ଇଣ୍ଟର ନ୍ୟାସନାଲ' ନାମକ ସାମାଜିକ ସଂଗଠନ ଓ ଭାରତ ସରକାରଙ୍କ 'ଜଳସଂପଦ ବିଭାଗ'ର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ 'ଆତିଥ୍ୟ ଭବନ' ସଭାଗୃହରେ ଅନୁଷ୍ଠିତ ଆଲୋଚନାଚକ୍ରରେ ସମାଜସେବୀ ତଥା ପୂର୍ବତନ ବ୍ୟାଙ୍କ ଅଫିସର ପ୍ରତାପ ଚନ୍ଦ୍ର ନାୟକ, ଇଂଜିନିୟର ଡ. ହୃଷିକେଶ ସାହୁ ଓ ଡାକ୍ତର ସୁରଥ କୁମାର ନାୟକ ଅତିଥି ଓ ବକ୍ତାଭାବେ ଯୋଗଦେଇ ଜଳର ସଂରକ୍ଷଣ ଓ ଜଳର ସୁବିନିଯୋଗ ଉପରେ ମାନବ ସମାଜ ଏବେଠୁଁ ସଚେତନ ନହେଲେ ଜଳପାଇଁ ୩ୟ ପୃଥିବୀ ମହାସମର ହେବାର ଆଶଙ୍କା ରହିଛି ବୋଲି ମତ ପ୍ରଦାନ କରିଥିଲେ । ପାନୀୟ ଜଳ

ଅଭାବରୁ ଆମ ରାଜ୍ୟ, ଦେଶ ଓ ବିଶ୍ୱର ଅନ୍ୟ ଦେଶମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାର ଦୃଷ୍ଟାନ୍ତ ଦେଇ, କେବଳ ଜନ ସଚେତନତା ହିଁ ଆଗାମୀ ବିଶ୍ୱକୁ ଏହି ସଂକଟରୁ ରକ୍ଷା କରିପାରିବ ବୋଲି ସେମାନେ ମତବ୍ୟକ୍ତ କରିଥିଲେ । ଏଥିପାଇଁ ବିଦ୍ୟାଳୟସ୍ତରରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ତଥା ଆଗାମୀ ପିଢ଼ିଙ୍କୁ ଏହି ସମସ୍ୟା ଓ ଏହାର ଭୟାବହତାର ପରିଣାମ ସଂପର୍କରେ ସଚେତନ କରାଇବା ସଂପର୍କରେ ସେମାନେ ପରାମର୍ଶ ଦେଇଥିଲେ । ଉକ୍ତ ଆଲୋଚନାଚକ୍ରରେ ଇଂ. କୁମାର କାର୍ତ୍ତିକ ଅତିଥିମାନଙ୍କୁ ମଞ୍ଚ ଆହ୍ୱାନ କରି ସ୍ୱାଗତ ଅଭିଭାଷଣ ଦେଇଥିଲେ । ସଂଗଠନ ପକ୍ଷରୁ ନାରାୟଣ ବେହେରା ଗ୍ରୀନ୍ ଜ୍ୟାକ୍‌ପଟ୍‌ର ବିଭିନ୍ନ ସାମାଜିକ କାର୍ଯ୍ୟ ସଂପର୍କରେ ସୂଚନା ଦେଇଥିଲେ । ବରିଷ୍ଠ ସାମାଜିକ କର୍ମୀ ତଥା ଓଡ଼ିଶା ଉଠାଜଳ ସେଚନ କର୍ମଚାରୀ ସଂଘର ରାଜ୍ୟ ସଂପାଦକ ଗୌରାଙ୍ଗ ପାଣିଗ୍ରାହୀ ଆଲୋଚନାଚକ୍ରରେ ଅଧ୍ୟକ୍ଷତା କରିଥିଲେ ଓ ସଂଗଠନର ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ବେଜ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଅଞ୍ଚଳରୁ ଶତାଧିକ ବିଶିଷ୍ଟ ବ୍ୟକ୍ତି ଓ ମହିଳାମାନେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ହେମନ୍ତ କୁମାର ଦାସ, କିରଣ କୁମାର ସାହୁ, ଜଗଦୀଶ ଦାସ, ଉଷାରାଣୀ ମୁଖାର୍ଜୀ, ଡଃ. ତୁଳସୀ ବେଜ୍, ବନ୍ଦନା ବାନାର୍ଜୀ ଓ ସରସ୍ୱତୀ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ ।

ବିବେକାନନ୍ଦ ଶିକ୍ଷାକେନ୍ଦ୍ର

ନାମଲେଖା ଚାଲିଛି

ପୁରୁଣା ବାରିପଦା, ମୟୂରଭଞ୍ଜ

UDISE code- 21070807752

ନାମଲେଖା ଚାଲିଛି

ଏତଦ୍ୱାରା ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉ ଅଛି କି, ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପୁରୁଣା ବାରିପଦା, ମୟୂରଭଞ୍ଜରେ ନାମଲେଖାଇବାକୁ ଇଚ୍ଛୁକ ଥିବା ଛାତ୍ରଛାତ୍ରୀମାନଙ୍କର ଅବିଭାବକ ଅବିଭାବିକାଙ୍କ ନିମନ୍ତେ ଶିକ୍ଷାଧିକାର ଆଇନ୍ ୨୦୦୯ ଧାରା ୧୨(ସି) ଅନୁଯାୟୀ ନିଃଶୁଳ୍କ ନାମ ଲେଖା ଶିକ୍ଷାବର୍ଗ ୨୦୨୪-୨୫ ପାଇଁ **www.rteparadarshiodisha.gov.in** ପୋର୍ଟାଲ ମାଧ୍ୟମରେ ଆବେଦନ ଗ୍ରହଣ କରାଯାଉଅଛି । ସାମାଜିକ ଓ ଆର୍ଥିକ ଅନଗ୍ରସର (ଅନୁସୂଚିତ ଜାତି ଜନଜାତି, ସାମାଜିକ ଶୈକ୍ଷିକ ଅନଗ୍ରସର, ଭିନ୍ନକ୍ଷମ, ଏଚଆଇଭି ଆକ୍ରାନ୍ତ ପିତାମାତାଙ୍କ ଶିଶୁ, ଶିଶୁ ଶ୍ରମିକ ଓ ପଥପ୍ରାନ୍ତ ଶିଶୁ ମାନଙ୍କ ପାଇଁ ୨୫% ସ୍ଥାନ ସଂରକ୍ଷଣ ରହିଛି ।

ପ୍ରଧାନ ଆଚାର୍ଯ୍ୟ
ବିବେକାନନ୍ଦ ଶିକ୍ଷାକେନ୍ଦ୍ର
ପୁରୁଣା ବାରିପଦା, ମୟୂରଭଞ୍ଜ

ଯୋଗାଯୋଗ- ୯୪୩୮୯୧୮୭୭୦, ୯୦୭୮୯୫୫୭୨୫

ବିବେକାନନ୍ଦ ଶିକ୍ଷାକେନ୍ଦ୍ର

କୁରୁଡ଼ା, ବାଲେଶ୍ୱର

ଶିକ୍ଷାବର୍ଷ-୨୦୨୪-୨୫

ଶ୍ରେଣୀ- କେଜି ୧ଠାରୁ ଅଷ୍ଟମ ଶ୍ରେଣୀ

COR NO- VSKKRB/236/2022

ଓଡ଼ିଶା ସରକାରଙ୍କର ନିୟମ ୨୦୦୯-୧୦ ଅନୁସାରେ ୨୫% ସ୍ଥାନ **SC/ST, SEBC, CWSM** ପିଲାମାନଙ୍କ ପାଇଁ ମାଗଣା ଶିକ୍ଷାଦାନ ବ୍ୟବସ୍ଥା ଅଛି ।
ପ୍ରଥମ ଶ୍ରେଣୀରେ ନାମ ଲେଖାଉଥିବା ପିଲାଙ୍କ ପାଇଁ ।

UDISE code- 21080916204

ମୋ: ୯୪୩୯୩୯୬୧୯୧, ୯୯୩୭୧୨୭୨୪୧

ମଦ ମାଫିଆ ଗିରଫ : ୮୦୦ ଲିଟର ବେଆଇନ ମଦ ଜବତ

କଟକ/ଭୁବନେଶ୍ୱର, ୨୮/୨ (ନି.ପ୍ର): କଟକ ସେଂଟ୍ରାଲ ଡିଭିଜନ୍‌ର ସ୍ପେଶାଲ ସ୍କ୍ୱାଡ୍ ର ଅବକାରୀ ଅଧିକାରୀମାନେ ଗତକାଲି ବାଲେଶ୍ୱର ଜିଲ୍ଲାର ଦୁଇ ଜଣ ମଦ ମାଫିଆ ମୁନା କୁମାର ଓ ସରୋଜ କୁମାରଙ୍କୁ ଗିରଫ କରିଥିବା ବେଳେ ସେମାନଙ୍କ ଠାରୁ ୮୦୦ ଲିଟର ବେଆଇନ ମଦ ଜବତ କରାଯାଇଛି । ଯାହାକୁ ଓଆର-୦୪-ଏଲ୍-୦୫୭୫ ନମ୍ବର ଥିବା ଏକ ମହିନ୍ଦ୍ରା ବୋଲେରୋରେ ପରିବହନ କରାଯାଇଥିଲା । ସେମାନଙ୍କୁ ପଚରାଉଚରାରୁ ଆଜି କଟକ ସେଂଟ୍ରାଲ ଡିଭିଜନ୍ ସ୍ପେଶାଲ ସ୍କ୍ୱାଡ୍ ର ଅବକାରୀ ଅଧିକାରୀମାନେ ବାଲେଶ୍ୱର ଜିଲ୍ଲା ସିମୁଳିଆ ଥାନା ଅନ୍ତର୍ଗତ ଆଡା ଗ୍ରାମରେ ଗାଡ଼ି ମାଲିକ ଗୋବିନ୍ଦ ନାୟକଙ୍କ ଘରେ ଚଢ଼ଉ କରିବା ସହିତ ସେଠାରୁ ୮୫୦ ଲିଟର ଦେଶୀ ମଦ ଜବତ କରିଛନ୍ତି । ଗୋବିନ୍ଦ ନାଏକଙ୍କ ବାପା ଭାଗୀରଥି ନାଏକଙ୍କୁ ତାଙ୍କ ଘରେ ବେଆଇନ ମଦ ଗଚ୍ଛିତ ରଖିବା ଅଭିଯୋଗରେ ବାଲେଶ୍ୱର ସୋରୋ ସ୍ଥିତ ଜେଏମ୍‌ଏଫସି କୋର୍ଟଚାଲାଣ କରାଯାଇଛି । ଗୋବିନ୍ଦ ନାଏକ ଫେରାର ହୋଇଯାଇଥିବା ବେଳେ ତାଙ୍କୁ ଗିରଫ କରିବା ପାଇଁ ଉଦ୍ୟମ ଜାରି ରହିଛି । ବେଆଇନ ମଦ କାରବାରରେ ବ୍ୟବହୃତ ଗାଡ଼ିକୁ ଜବତ କରିବା ପାଇଁ ପଦକ୍ଷେପ ନିଆଯିବ । ବାଲିଖଣ୍ଡିସ୍ଥିତ ଦେଶୀ ମଦ ଦୋକାନର ଲାଇସେନ୍ସପ୍ରାପ୍ତ ଇନ୍ଦ୍ରଜିତ ଗୁପ୍ତା ଏହି ବେଆଇନ ମଦ କାରବାରର କିଙ୍ଗପିନ୍ ବୋଲି ଜଣାପଡ଼ିଛି । ସେହି ଅନୁଯାୟୀ ଅନ୍ୟ ଏକ ଟିମ୍ ବାଲିଖଣ୍ଡିସ୍ଥିତ ଦେଶୀ ମଦ ଦୋକାନରେ ଚଢ଼ାଉ କରି ଦୋକାନ ପରିସରରେ ରଖାଯାଇଥିବା ୫୫୦ ଲିଟର ବେଆଇନ ମଦ ଜବତ କରିଛି । ବେଆଇନ ମଦ କାରବାରରେ ସମ୍ପୃକ୍ତ ଥିବା ଲାଇସେନ୍ସଧାରୀ ଇନ୍ଦ୍ରଜିତ ଗୁପ୍ତାଙ୍କୁ ଗିରଫ କରାଯାଇ ଭଦ୍ରକ ଏସ୍ ଡିଜେଏମ୍ କୋର୍ଟକୁ ପଠାଯାଇଛି । ଅଧିକ ତଦନ୍ତ ପାଇଁ ତାଙ୍କ ଦେଶୀ ମଦ ଦୋକାନକୁ ସିଲ୍ କରାଯାଇଛି । ତଦନ୍ତ ପରେ ତାଙ୍କ ଲାଇସେନ୍ସ ରଦ୍ଦ ପାଇଁ ପଦକ୍ଷେପ ନିଆଯିବ । ଏହି ବେଆଇନ ମଦ କାରବାରରେ ସମ୍ପୃକ୍ତ ସମସ୍ତଙ୍କୁ ଗିରଫ କରିବା ପାଇଁ ଉଦ୍ୟମ ଜାରି ରହିଛି । ଯଦି କୌଣସି ଲାଇସେନ୍ସଧାରୀ ବେଆଇନ ମଦ କାରବାରରେ ସମ୍ପୃକ୍ତ ଥିବା ଜଣାପଡ଼େ ତେବେ ତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅବକାରୀ କମିଶନର ନରସିଂହ ଭୋଳ ସମସ୍ତ ଲାଇସେନ୍ସଧାରୀଙ୍କୁ ଚେତାବନୀ ଦେଇଛନ୍ତି ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

ଏ ମାଟିର ସ୍ନେହଶ୍ରଦ୍ଧା....

ରାଷ୍ଟ୍ରପତି ଆହୁରି କହିଛନ୍ତି, ଓଡ଼ିଶାରେ ୬୨ ପ୍ରକାର ଆଦିବାସୀ ଭାଇ ଓ ଭଉଣୀ ବସବାସ କରୁଛନ୍ତି । ଇତି ମଧ୍ୟ ଭାରତ ସରକାର ଆଉ ଦୁଇ ପ୍ରକାର ଜାତିକୁ ଆଦିବାସୀ ତାଲିକାରେ ଅନ୍ତର୍ଭୁକ୍ତ କରିଛନ୍ତି । ଏହାଦ୍ୱାରା ଓଡ଼ିଶାରେ ଆଦିବାସୀଙ୍କ ସଂଖ୍ୟା ୬୪କୁ ବୃଦ୍ଧି ପାଇଛି । ତାହାଛଡ଼ା ଉଚ୍ଚାରଣ ଓ ବନାନଗତ ଭିନ୍ନତା ଯୋଗୁ ଆଦିବାସୀ ମାନ୍ୟତା ପାଇନଥିବା କେତେକ ବର୍ଗକୁ ଆଦିବାସୀ ତାଲିକା ଭୂକ୍ତ କରାଯାଇଛି । ଏହାଦ୍ୱାରା ଦରକାରୀ ସୁବିଧାରୁ ବଞ୍ଚିତ ଅନେକ ଲୋକ ଉପକୃତ ହେବେ ବୋଲି ରାଷ୍ଟ୍ରପତି କହିଛନ୍ତି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନୂଆଦିଲ୍ଲୀରୁ ଝାରଖଣ୍ଡର ରାଞ୍ଚି ଆସିଥିଲେ । ସେଠାରୁ ସ୍ୱତନ୍ତ୍ର ହେଲିକପ୍ଟରରେ ମୟୂରଭଞ୍ଜର ଖିଚିଂର ଅଧିଷ୍ଠାତ୍ରୀ ଦେବୀ ମା' କିଚକେଶ୍ୱରୀଙ୍କ ଦର୍ଶନ କରିଥିଲେ । ୧୯୩୪ରେ ମୟୂରଭଞ୍ଜ ରାଜାଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ମନ୍ଦିରକୁ ଯାଇ ମା'ଙ୍କ ପାଖରେ ସ୍ୱତନ୍ତ୍ର ପୂଜା ସହ ଆଳତୀ କରିଥିଲେ । ପରେ ଚନ୍ଦ୍ରଶେଖର ମହାଦେବଙ୍କ ପୂଜାର୍ଚ୍ଚନା କରି କଦଳୀ ପତ୍ରରେ ଅନ୍ନପ୍ରସାଦ ସେବନ କରିଥିଲେ । ସାଙ୍ଗରେ ଥିଲେ ରାଷ୍ଟ୍ରପତିଙ୍କ ଝିଅଙ୍କ ସହ ରାଜ୍ୟପାଳ ରଘୁବର ଦାସ । କନିକା, ଡାଲି, ବେସର, ଶାଗ ଓ ଖିରି ଆଦି ସେବନ କରିଥିଲେ ସମସ୍ତେ । ମାର୍ଚ୍ଚ ୨ ଯାଏଁ ଓଡ଼ିଶାରେ ରହିବେ ମହାମହିମ । ଆସନ୍ତାକାଲି କେନ୍ଦୁଝର ଯାଇ ଗୋନାସିକା କଦଳୀବାଡ଼ି ଗାଁର ଆଦିମ ଅଧିବାସୀ ସଦସ୍ୟଙ୍କୁ ଭେଟିବେ । ପରେ ଧରଣୀଧର ୟୁନିଭର୍ସିଟିର ସ୍ୱତନ

ଗୁରୁବାର, ଫେବୃଆରୀ ୨୮, ୨୦୨୪

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

ବେତନଟୀ ବ୍ଲକର ଏସଏଚଜି ମହିଳାମାନଙ୍କର ଋଣ ଟଙ୍କାର ସୁଧ ଫେରସ୍ତ

ବେତନଟୀ, ୨୮/୨ (ନି.ପ୍ର): ବେତନଟୀ ବ୍ଲକ ଓଡିଶା ଜୀବିକା ମିଶନ ଏବଂ ମିଶନଶକ୍ତି ପକ୍ଷରୁ ଆଜି ବ୍ଲକ କାର୍ଯ୍ୟାଳୟ ପରିସରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମହିଳାମାନଙ୍କୁ ବିନା ସୁଧରେ ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣବ୍ୟବସ୍ଥାର ଭର୍ଚୁଆଲ ମୋଡରେ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁଭାରମ୍ଭ କରିବା ସହିତ ଋଣ ବାବଦକୁ ପୈଠ କରିଥିବା ସୁଧଟଙ୍କାକୁ ମଧ୍ୟ ଫେରସ୍ତ ଦିଆଯାଇଛି । ମିଶନଶକ୍ତି ବେତନଟୀବ୍ଲକ ସଂଯୋଜକ ରବୀନ୍ଦ୍ର ଚାନେଙ୍କ ସଂଯୋଜନା ଏବଂ ଓଡିଶା ଜୀବିକା ମିଶନର ବ୍ଲକପ୍ରୋଗ୍ରାମ ଅଧିକାରିଣୀ ଡ. ସୁଶ୍ରୀ ମଧୁଛନ୍ଦା ବେହେରାଙ୍କ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଡିଓ ଅମୃତ କୁମାର ରାଉଳ, ଜିଲ୍ଲାପରିଷଦ ବିଶ୍ୱନାଥ ହେମ୍ବ୍ରମ, ସଠିଲୋ ସମିତିସଭ୍ୟ କିଶୋର କୁମାର ନାୟକଙ୍କ ସମେତ ଓଡିଶା ଗ୍ରାମ୍ୟ ବ୍ୟାଙ୍କ ବୈଶିଙ୍ଗା, ମେର୍ଦା ଶାଖାପ୍ରବନ୍ଧକଙ୍କ ସମେତ ବେତନଟୀ ୟୁକୋ ବ୍ୟାଙ୍କ ଶାଖା ପ୍ରବନ୍ଧକ ପ୍ରମୁଖ ଅତିଥି ମାନେ ମଞ୍ଚାସୀନ ରହିଥିଲେ । ଏହି ଅବସରରେ ବ୍ୟବସାୟ, ଚାଷ ଏବଂ ବିଭିନ୍ନ କ୍ଷେତ୍ରରେ ବିନିଯୋଗ ପାଇଁ ବେତନଟୀ ବ୍ଲକର ୧୨୧୯ଟି ସ୍ୱୟଂସହାୟିକା ଗୋଷ୍ଠୀ ଓ ମିଶନଶକ୍ତି ମାଧ୍ୟମରେ ବ୍ୟାଙ୍କରୁ ଋଣ ନେଇ ପୁଣି ବ୍ୟାଙ୍କକୁ ସୁଧ ସହିତ ଋଣଟଙ୍କା ପୈଠ କରିଥିବା ବେଳେ ସୁଧବାବଦକୁ ବ୍ୟାଙ୍କରେ ପୈଠ କରିଥିବା ମୋଟ ୫୯ଲକ୍ଷ ୨୩ହଜାର ଟଙ୍କାକୁ ରାଜ୍ୟ ସରକାର ସମ୍ପୃକ୍ତ ଏସଏଚଜି ମାନଙ୍କୁ ଫେରସ୍ତ ଦେଇଛନ୍ତି । ପୂର୍ବରୁ ଏସଏଚଜି ମାନଙ୍କୁ ବିନା ସୁଧରେ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବ୍ୟାଙ୍କଋଣ ପ୍ରଦାନର ବ୍ୟବସ୍ଥା କରାଯାଇଥିବା ବେଳେ ଏହାକୁ ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିବା ନେଇ ମାନ୍ୟବର ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ।

ସୁନ୍ଦରପୁର ଆନ୍ତଃରାଜ୍ୟ କ୍ରିକେଟ ଟୁର୍ଣ୍ଣାମେଂଟ: ଭଦ୍ରକ ଇମେଜ ଇଲେଭେନ ଚାମ୍ପିୟନ

ଖଇରା, ୨୮/୨ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ନୟାଖଣ୍ଡି ପଞ୍ଚାୟତ ସୁନ୍ଦରପୁର ଠାରେ ମା ତାରିଣୀ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଆନ୍ତରାଜ୍ୟ କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଦିନ ଉଦ୍‌ଯାପିତ ହୋଇ ଯାଇଛି ।ପଶ୍ଚିମବଙ୍ଗ,ତାଳଚେର, ବାଲେଶ୍ୱର, ଭୁବନେଶ୍ୱର, ଅନୁଗୁଳ,ଭଦ୍ରକ, ସମ୍ବଲପୁର ଜିଲାରୁ ମୋଟ ୮ଟି ଅଂଶ ଗ୍ରହଣ କରିଥିଲେ । ଫାଇନାଲରେ ଭଦ୍ରକର ଇମେଜ ଇଲେଭେନ ଭୁବନେଶ୍ୱରର କମାଣ୍ଡୋ ଇଲେଭେନ କୁ ୬ଇକେଟରେ ପରାସ୍ତ କରି ୨୦୨୪ର ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି । ସିତାଂଶୁ ସତ୍ୟପ୍ରିୟ ରାଉତ ଓ ଜ୍ୟୋତି ପ୍ରକାଶ ଜେନା ମ୍ୟାଚ ପରିଚାଳନା କରିଥିଲେ । ବୁଦ୍ଧଦେବ ମହାରଣା ଧାରା ବିବରଣୀ ଓ ମାନସ ପାତ୍ର ସ୍କୋର ଦାୟିତ୍ୱ ତୁଲାଇଥିଲେ । ବିଶିଷ୍ଟ ବ୍ୟବସାୟୀ ବିଶ୍ୱଜିତ ଜେନା ମୁଖ୍ୟଅତିଥି ଓ ସୃଜୟ ବିଶ୍ୱାଳ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ବିଜୟୀ ଦଳକୁ ସିଲ୍ଡସହ ୫୦ହଜାର ଓ ରନର୍ସ ଅପ ଦଳକୁ ୩୦ହଜାର ଟଙ୍କା ପ୍ରଦାନ କରିଥିଲେ । ହିରାଲାଲ ମେଣ୍ଡିଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଓ ବିଶ୍ୱରଞ୍ଜନ ସାହୁଙ୍କୁ ମ୍ୟାନ ଅଫ ଦି ସିରିଜ ଭାବେ ପୁରସ୍କୃତ କରାଯାଇଥିଲା ।

ମହାସଭାରେ ଖୋଲା ଆଲୋଚନା : ବ୍ରାହ୍ମଣମାନଙ୍କ ଦୁଃଖ ବୁଝିବାକୁ ସରକାରଙ୍କ ପଛଘୁଂଚା କାହିଁକି ?

ଉଦଳା , ୨୮/୨ (ନି.ପ୍ର): ସମଗ୍ର ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ପାଇଁ ବ୍ରାହ୍ମଣ ମାନେ ଉଦ୍ୟମ ଜାରି ରଖିଥିବା ବେଳେ, ସେମାନଙ୍କ ଜୀବନ ଜୀବିକା ଓ ଦୁଃଖ ବୁଝିବା ପାଇଁ ସରକାର ପଛଘୁଂଚା ଦେଉଛନ୍ତି କାହିଁକି ବୋଲି ଉଦଳା ଠାରେ ବ୍ରାହ୍ମଣ ମହାସଭା ତରଫରୁ ଅନୁଷ୍ଠିତ ବୈଠକରେ ଖୋଲା ଆଲୋଚନା ହୋଇଛି । ସଂଘର ସଭାପତି ସତ୍ୟବ୍ରତ ମିଶ୍ର ଏଥିରେ ଅଧ୍ୟକ୍ଷତା କରି ଆସନ୍ତା ମାର୍ଚ୍ଚ ମାସରେ ଉଦଳା ଠାରେ ଏକ ବିଶ୍ୱଶାନ୍ତି ମହାଯଜ୍ଞ ବ୍ରାହ୍ମଣ ମହାସଭାର ନେତୃତ୍ୱରେ ଅନୁଷ୍ଠିତ ହେବ ବୋଲି ପ୍ରସ୍ତାବ ଦେଇଥିଲେ । ଏହା ସର୍ବ ସମ୍ମତିକ୍ରମେ ଗୃହିତ ହୋଇଥିଲା । ଏହାପରେ ସଂଘର ସଂପାଦକ ରଂଜନ ପ୍ରହରାଜ ହିନ୍ଦୁଙ୍କ ଟ୍ୟାକ୍ସ ପଇସାରେ ମୌଲବୀ ମାନଙ୍କୁ ଦରମା ମିଳିପାରୁଛି, ତେବେ ହିନ୍ଦୁ ପୂଜାରୀଙ୍କୁ କାହିଁକି ବେତନ ମିଳିବ ନାହିଁ ବୋଲି ପ୍ରଶ୍ନ କରିବା ସହ ଏଥିପାଇଁ ଦିଲ୍ଲୀରେ ହିନ୍ଦୁ ପୂଜାରୀମାନେ ଯେଉଁ ଧାରଣା ପ୍ରଦର୍ଶନ କରିଛନ୍ତି, ଏହାକୁ ଆମେ ସମର୍ଥନ କରିବୁ ବୋଲି ଖୋଲାଖୋଲି ଘୋଷଣା କରିଥିଲେ । ଏହାପରେ ସାମୂହିକ ବେଦପାଠ କରାଯାଇଥିଲା । ଆଜିର ବୈଠକକୁ ସଫଳ କରିବା ପାଇଁ ଶ୍ରୀକାନ୍ତ ଆଚାର୍ଯ୍ୟ, ଜୟନ୍ତ କୁମାର ପଣ୍ଡା, ହରିଶ୍ଚନ୍ଦ୍ର ଦାଶ, ବନମାଳି ପଣ୍ଡା, ତାରାକାନ୍ତ ରାୟ, ହେମନ୍ତ କୁମାର କର, କ୍ଷିତିଶ ଚନ୍ଦ୍ର ମିଶ୍ର, ଗିରିଶ ଚନ୍ଦ୍ର ମହାପାତ୍ର, ସରୋଜ କୁମାର ପଣ୍ଡା, ସର୍ବେଶ୍ୱର ମହାପାତ୍ର, ପ୍ରଭାକର ପଣ୍ଡା ପ୍ରମୁଖ ଉଦ୍ୟମ କରିଥିଲେ ।

ଶିଶୁମାନଙ୍କ ପ୍ରମୁଖ ସ୍ଥାୟୀ ସମସ୍ୟାର ସମାଧାନ ପାଇଁ ପଂଚାୟତସ୍ତରୀୟ ପ୍ରଶିକ୍ଷଣ ଶିବିର

ଜଳେଶ୍ୱର , ୨୮/୨ (ନି.ପ୍ର): ଜଳେଶ୍ୱର ବ୍ଲକ ସମ୍ମିଳନୀ କକ୍ଷରେ ଆଜି ଶିଶୁ ମାନଙ୍କର ପ୍ରମୁଖ ସ୍ଥାୟୀ ସମସ୍ୟାର ସମାଧାନ ପାଇଁ ପଂଚାୟତସ୍ତରୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି । ପ୍ରମୁଖ ଶିଶୁ ସମସ୍ୟା ଓ ତାର ସମାଧାନ ଲକ୍ଷ୍ୟରେ ବିଭିନ୍ନ ଯୋଜନା, ଶିଶୁ ସୁରକ୍ଷା ଲାଗି ରହିଥିବା ବେଳେ ସେମାନଙ୍କ ସୁରକ୍ଷା ପାଇଁ ସରକାରୀ ସଚେତନତା ସୃଷ୍ଟି କରାଯାଇଥାଏ । ଶିଶୁ ମାନଙ୍କ ଭାଗିଦାରୀ, ବିଦ୍ୟାଳୟ ମାନଙ୍କରେ ଶତପ୍ରତିଶତ ଉପସ୍ଥାନ, ଶିଶୁ ମାନଙ୍କ ମନବଳକୁ ସୁଦୃଢ କରିବା, ଶିଶୁ ଶ୍ରମିକ ପ୍ରଥା ଉଚ୍ଛେଦ, ଶିଶୁ ଯୋନ ଶୋଷଣ ବନ୍ଦ, ଶାରିରୀକ ଦଣ୍ଡ ବନ୍ଦ କରାଯାଇ ପିତାମାତାଙ୍କ ଯତ୍ନ, ଶିଶୁ ନିଖୋଜ, ଶିଶୁଙ୍କୁ ଦିଆଯାଉଥିବା ଭୟଙ୍କର ଧାର୍ମିକ-ପାରମ୍ପରିକ ଓ ଅନ୍ଧ ବିଶ୍ୱାସ ପ୍ରଥାକୁ ବନ୍ଦ କରିବା ସଂପର୍କରେ ଆଲୋଚଦନା ହୋଥଥିଲା । ଉଦ୍ୟାନ ପ୍ରତିଷ୍ଠା, ଶିଶୁ ଲାଇବ୍ରେରୀ, ଜିମ୍, ଖେଳ ପଡିଆ, ଯୋଗ ସାଧନ ଇଦ୍ୟାଦି ପ୍ରତିଷ୍ଠା କରାଯିବାକୁ ସରପଂଚ ମାନଙ୍କୁ ପରାମର୍ଶ ଦିଆଯାଇଥିଲା । ବ୍ଲକ ଅଧ୍ୟକ୍ଷ ମାନସ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଗ୍ରାମପଂଚାୟତ ସଂପ୍ରସାରଣ ଅଧିକାରୀ ସୋମନାଥ ବେହେରା, ସିଡିପିଓ ଚମ୍ପାମଣି ମୁର୍ମୁ, ସିପି ସୁଜିତ୍ ଜେନା ପ୍ରମୁଖ ଉପସ୍ଥିତ ରହି ସବୁ ପଂଚାୟତର ସରପଂଚ, ପଂଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ପ୍ରତି ଗ୍ରାମରୁ ଜଣେ ଲେଖାଏଁ ଅଂଗନବାଡି କର୍ମୀଙ୍କୁ ପିଲାଙ୍କ ସୁରକ୍ଷା ଉପରେ ପଂଚାୟତ ମାନଙ୍କରେ ଶିଶୁ ପ୍ରଶିକ୍ଷଣ ଦିଆଯାଇଥିଲା ।

ନୀଳମଣି କଲେଜରେ ଜାତୀୟ ବିଜ୍ଞାନ ଦିବସ ଓ ବାର୍ଷିକ ଉତ୍ସବ

ବସ୍ତା , ୨୮/୨ (ନି.ପ୍ର): ରୂପସାସ୍ଥିତ ନୀଳମଣି ମହାବିଦ୍ୟାଳୟର ସାଇନ୍ସ ସୋସାଇଟି ଆନୁକୂଲ୍ୟରେ ବୁଧବାର ଜାତୀୟ ବିଜ୍ଞାନ ଦିବସ ଏବଂ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ଅଧ୍ୟକ୍ଷ ଡ଼ ତପନ କୁମାର ବେହେରା ଏହି ଉତ୍ସବରେ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଅତିଥି ପିଏଚ୍ଡି, ଚାନ୍ଦିପୁରର ପୂର୍ବତନ ଏଡିସନାଲ ଡାଇରେକ୍ଟର ଡ଼. କମଳାକାନ୍ତ ଚାନ୍ଦ, ମୁଖ୍ୟ ବକ୍ତା ମିତ୍ରପୁର ସ୍ୱର୍ଣ୍ଣଚୂଡ଼ କଲେଜର ପୂର୍ବତନ ପ୍ରାଧ୍ୟାପକ ଡ଼. ରତ୍ନାକର ମିଶ୍ର ଯୋଗ ଦେଇ ବିକଶିତ ଭାରତ ପାଇଁ ସ୍ୱଦେଶୀ ଜ୍ଞାନ କୌଶଳର ବିଭିନ୍ନ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ । ସାଇନ୍ସ ସୋସାଇଟିର ସଭାପତି ପ୍ରାଧାପିକା କଳ୍ପନା ମଞ୍ଜରୀ ପାତ୍ର ସ୍ୱାଗତ ବକ୍ତବ୍ୟ ରଖିଥିଲେ । ଉପ ସଭାପତି ଡେମନଷ୍ଟ୍ରେଟର ବାସନ୍ତୀ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ । ଅଧ୍ୟାପକ ଗୌରାଙ୍ଗ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ଛାତ୍ର ଛାତ୍ରୀଙ୍କୁ ନେଇ ବିଜ୍ଞାନ ମେଳା ଓ ପ୍ରଚାର ଫର୍ଦ୍ଦ (ପୋଷ୍ଟର)ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଡ଼. ଅର୍ଦ୍ଧେନ୍ଦୁ ଶେଖର ଦାଶ,ଡ଼ ଶାନ୍ତନୁ କୁମାର ଜେନା ଓ ଶ୍ରବଣ ନାୟକଙ୍କ ତତ୍ତ୍ୱାବଧାନରେ ୨୦୨୨-୨୩ ବର୍ଷର ବିଜ୍ଞାନ ବିଭାଗର ୬ ଜଣ ଟପ୍ପର ଛାତ୍ର ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ପୁରସ୍କାର ବିତରଣ କରାଯାଇଥିଲା । ଛାତ୍ରୀମାନେ ସ୍ୱାଗତ ନୃତ୍ୟ ପରିବେଷଣ ସହ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ । ଅଧ୍ୟାପକ ସତ୍ୟେନ୍ଦ୍ର କୁମାର ପାଲ ଧନ୍ୟବାଦ ଅର୍ପଣ କରିଥିଲେ । ଅଧ୍ୟାପକ ଶମ୍ଭୁନାଥ ଗିରି, ଜୟକୃଷ୍ଣ ସାହୁ, ରମେଶ ବେହେରା ଓ ଦେବଶ୍ରୀ ରଘୁନନ୍ଦନ ମିଶ୍ର ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ ।

ଏସଏଚ୍‌ଜିଙ୍କୁ ବିନା ସୁଧରେ ଋଣ

ଖଇରା, ୨୮/୨ (ନି.ପ୍ର): ବାଲେଶ୍ୱର ଜିଲାର ଅଧୀନ ଖଇରା ବ୍ଲକରେ ବିନା ସୁଧରେ ୧୦ଲକ୍ଷ ଋଣ ପ୍ରଦାନ ବ୍ୟବସ୍ଥାର ଭର୍ଚୁଆଲ ମାଧ୍ୟମରେ ଶୁଭାରମ୍ଭ ହୋଇ ଯାଇଛି । ଓଡିଶା ଜିବିକା ମିଶନ ଓ ମିଶନ ଶକ୍ତି ର ମିଳିତ ଆନୁକୂଲ୍ୟରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ସିଡିପିଓ ନିଳିନୀ କୁମାରୀ ମହାରଣା, ମିଶନଶକ୍ତିର ବ୍ଲକ ସଂଯୋଜକ ପ୍ରସନ୍ନ କୁମାର ପୁହାଣ,ଓଡିଶା ଜିବିକା ମିଶନର ସଂଯୋଜକ ନିହାର ଜେନା ଓ ସହଯୋଗୀ ଆର୍ତ୍ତବନ୍ଧୁ ଦାସ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ୧ହଜାର୧୫ ସୁୟଂ ସହାୟିକା ଗୋଷ୍ଠୀକୁ ୧୪୫କୋଟିର ସୁଧ ଫେରସ୍ତ ଦିଆଯାଇଥିବା ବେଳେ ୟୁନିଫର୍ମ ଓ ବ୍ଲେଜର ସହାୟତା ରାଶି ବାବଦକୁ ୭୩୦କୋଟି ଟଙ୍କା ପ୍ରଦାନ କରାଯାଇଥିଲା ।

ପଛପଟୁ କାରକୁ ପିଟିଲା ସ୍କୁଟି: ଦୁଇ ଦଶମଶ୍ରେଣୀ ଛାତ୍ର ଗୁରୁତର ହୋଇ ମେଡ଼ିକାଲରେ ଭର୍ତ୍ତି

ନୀଳଗିରି , ୨୮/୨ (ନି.ପ୍ର): ଦଶମ ବୋର୍ଡ ପରୀକ୍ଷା ସାରି ଏକ ସ୍କୁଟିରେ ଘରକୁ ଫେରୁଥିବା ସମୟରେ କାରକୁ ପଛପଟୁ ଧକ୍କା ଦେବା ଫଳରେ ଦଶମ ଶ୍ରେଣୀର ଦୁଇ ଛାତ୍ର ଗୁରୁତର ହୋଇ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ ହୋଇଛନ୍ତି । ସୂଚନା ଅନୁଯାୟୀ ନୀଳଗିରି ବ୍ଲକ ଗରଡିହି ଉଚ୍ଚ ବିଦ୍ୟାଳୟର ଅଧ୍ୟୟନରତ ଦୁଇ ଦଶମ ଶ୍ରେଣୀର ଛାତ୍ର ବାଦଲ ସିଂ ଓ ହରେକୃଷ୍ଣ ସିଂ ସଜନାଗଡ ସ୍ଥିତ ଚଣ୍ଡୀ ହାଇସ୍କୁଲରେ ସଂସ୍କୃତରେ ପରୀକ୍ଷା ଦେଇ ସାରି ଘରକୁ ଫେରିବା ସମୟରେ ନୀଳଗିରି ତିନିକୋଣିଆ ଜଙ୍ଗଲ ମଝିରେ ଏକ ଧଳା ରଙ୍ଗର କାରକୁ ପଛପଟୁ ଧକ୍କା ଦେଇଥିଲେ । ଫଳରେ ବାଇକ ଚାଳକ ସମେତ ଦୁଇ ଛାତ୍ର ଛିଟିକି ପଡି ଗୁରୁତର ହୋଇଥିଲେ । ସ୍ଥାନୀୟ ଲୋକେ ୧୦୮ ଯୋଗେ ଉକ୍ତ ଛାତ୍ର ଦୁଇଜଣଙ୍କୁ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲେ ।ସ୍ଥିତି ଗୁରୁତୁର ହେବାରୁ ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି ।ଉଭୟ ଛାତ୍ରଙ୍କ ଗୋଡ ଭାଙ୍ଗିଯାଇଥିବା ଜଣାପଡିଛି । ତେବେ ଆଗାମୀ ପରୀକ୍ଷା ପୂର୍ବରୁ ସେମାନେ ଭଲ ହୋଇ ପରୀକ୍ଷା ଦେଇ ପାରିବେ କି ନାହିଁ ଏନେଇ ପରିବାର ଲୋକେ ଚିନ୍ତାରେ ଅଛନ୍ତି ।

ବଦଳିଲେ ବେତନଟୀ ତହସିଲଦାର ଓ ବିଡ଼ିଓ

ବେତନଟୀ, ୨୮/୨ (ନି.ପ୍ର): ବେତନଟୀ ତହସିଲଦାର ଅନିତା ନାୟକ ନିଶ୍ଚିନ୍ତ କୋଇଲି ତହସିଲଦାର ଭାବରେ ବଦଳି ହୋଇଥିବା ବେଳେ ତାଙ୍କ ସ୍ଥାନରେ ଗଦିଆ ତହସିଲଦାର ସୁରଥ ଚନ୍ଦ୍ର ରାଉତଙ୍କ ର ବେତନଟୀ ତହସିଲଦାର ଭାବରେ ବଦଳି କରାଯାଇଛି ଓ ବେତନଟୀ ବିଡ଼ିଓ ଅମୃତ ରାଉଳ ଙ୍କ ଆଜି ବଦଳି ଆଦେଶ ହୋଇଛି । ସେ ରାୟଗଡ଼ା ଜିଲ୍ଲାର କାଶିପୁର ବ୍ଲକ କୁ ବଦଳି ହୋଇଛନ୍ତି । ଗତ ଫେବୃଆରୀ ୮ ତାରିଖରେ ବେତନଟୀ ବିଡ଼ିଓ ଭାବରେ ଯୋଗଦାନ କରିଥିବା ବେଳେ ମାତ୍ର ୧୯ ଦିନ ପରେ ପୁନର୍ବାର ବଦଳି ହୋଇଛନ୍ତି । ରାଜ୍ୟ ସରକାର ଆଜି ୩୫ ଜଣ ପ୍ରଶାସନ ଅଧିକାରୀ ଙ୍କ ବଦଳି ନିର୍ଦ୍ଦେଶ ଆସିଥିବା ଜଣାପଡିଛି । ଏହି ନିର୍ଦ୍ଦେଶରେ ବେତନଟୀ ବିଡ଼ିଓ ବଦଳି ଥିବା ବେଳେ ମାଲକାନଗିରି ରୁ ଗୋପିନାଥ ଖୋଖା ବେତନଟୀ ବିଡ଼ିଓ ଭାବେ ଆଦେଶ ବାହାରିଥିବା ଜଣାପଡିଛି ।

ବାଲିଆପାଳରେ ନବୀନ ଓଡ଼ିଶାର ସଂକଳ୍ପ ବିକାଶ ଯାତ୍ରା

ଲଙ୍ଗଳେଶ୍ୱର , ୨୮/୨ (ନି.ପ୍ର): ବସ୍ତା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବାଲିଆପାଳ ବ୍ଲକରେ ଦେଉଳା ପଞ୍ଚାୟତର ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ବିକାଶ ସଙ୍କଳ୍ପ ଯାତ୍ରା ବୁଧବାର ଅନୁଷ୍ଠିତ ହୋଇଯାଇଛି । ବିଜୁ ମହିଳା ଜନତା ଦଳର ରାଜ୍ୟ କାର୍ଯ୍ୟକାରୀ ସଭାପତି ସୁବାସିନୀ ଜେନା ଙ୍କ ନେତୃତ୍ୱରେ ବିଜୁଜନତା ଦଳର ବରିଷ୍ଠ ନେତାମାନେ ତୃଣମୂଳ ସ୍ତରରେ ଲୋକଙ୍କ ପାଖକୁ ଯାଇ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମସ୍ତ ଲୋକାଭିମୁଖୀ ଓ ଜନମଙ୍ଗଳକାରୀ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ । ଶ୍ରୀମତୀ ଜେନା କହିଥିଲେ, ମାନ୍ୟବର ମୁଖ୍ୟମନ୍ତ୍ରୀ ସବୁବେଳେ ସାଢ଼େ ଚାରି କୋଟି ଓଡିଆଙ୍କ ପାଖରେ ଅଛନ୍ତି ଏବଂ ଓଡ଼ିଶାର ବିକାଶ ଧାରାକୁ ଆଗେଇ ନେଇଛନ୍ତି ।ନିଜ ଅଞ୍ଚଳକୁ ପ୍ରଗତି ପଥରେ ଆଗେଇ ନେବା ପାଇଁ ଆମେ ସମସ୍ତେ ମିଳିମିଶି କାମକରିବା ପାଇଁ ଆହ୍ୱାନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଦଳର ବ୍ଲକ ସଭାପତି ଗୋବିନ୍ଦ ପ୍ରସାଦ ଦାସ, ଦେଉଳା ପଞ୍ଚାୟତର ଦଳୀୟ ସଭାପତି ଅଧିର କୁମାର ପାତ୍ର,୨୩ ନଂ ଜୋନର ଜିଲ୍ଲା ପରିଷଦ ସଦସ୍ୟ ବେଣୁଧର ଜେନା,୨୨ ନଂ ଜୋନର ଜିଲ୍ଲା ପରିଷଦ ସଦସ୍ୟ ନିଶାକର ସେଠୀ,ଦେଉଳା ପଞ୍ଚାୟତର ଦଳୀୟ ମହିଳା ସଭାପତି ସୁମତି ଜେନା, ଜିଲ୍ଲା ବିଜୁ ଯୁବ ଜନତା ଦଳ କାର୍ଯ୍ୟକାରୀ ସଭାପତି ଶ୍ରୀକାନ୍ତ ନାଥ, ଜ୍ୟୋତି ପ୍ରକାଶ ଭୂୟାଁ, ଦଳୀୟ ଯୁବ ସଭାପତି ସର୍ବେଶ୍ୱର ନାୟକ, ବିଜୁ ଛାତ୍ର ଜନତା ଦଳ ସଭାପତି ଦୀପକ କୁମାର ନାଥ ଓ ଅନ୍ୟ ଜିଲ୍ଲା ପରିଷଦର ସଦସ୍ୟ,ସଦସ୍ୟା ବ୍ଲକ୍ ମହିଳା, ଯୁବ ଛାତ୍ର, ମହିଳା ଓ ଯୁବକମାନେ ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ ।ଆଗାମୀ ଦିନରେ ଏହି କାର୍ଯ୍ୟକ୍ରମ ଅନ୍ୟ ପଞ୍ଚାୟତକୁ ସମ୍ପ୍ରସାରଣ କରାଯିବ ବୋଲି ଦଳୀୟ କର୍ମକର୍ତ୍ତାଙ୍କ ଠାରୁ ପ୍ରକାଶ ।

ବାରିପଦା ଷ୍ଟାଡିୟମରେ କ୍ରିକେଟ ଏକାଡେମୀ ଉଦ୍‌ଘାଟିତ

ବାରିପଦା, ୨୮/୨ (ନି.ପ୍ର): ବାରିପଦା ଷ୍ଟାଡିୟମ ପରିସରରେ ନିର୍ମିତ ୪ ଟି ଟର୍ଫ ଉଇକେଟ ସମେତ ଗୋଟିଏ ସିନଥେଟିକ ଉଇକେଟକୁ ଆଭାସୀ ମାଧ୍ୟମରେ ଲୋକାର୍ପିତ କଲେ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଆଗାମୀ ଦିନରେ ତାଲିମପ୍ରାପ୍ତ କୋଚଙ୍କ ଦ୍ୱାରା ଯୁବ ଖେଳାଳୀ ମାନଙ୍କୁ କ୍ରିକେଟ ଏକାଡେମୀରେ ପ୍ରଶିକ୍ଷଣ ଦିଆଯିବ ବୋଲି ମୟୁରଭଞ୍ଜ ଏଥଲେଟିକ ଏସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ ପ୍ରକାଶ କରିଛନ୍ତି ଓ ଏଥିସହିତ ଓଡିଶା କ୍ରିକେଟ ଏସୋସିଏସନ ତରଫରୁ ଅତ୍ୟାଧୁନିକ ବୋଲିଂ ମେସିନ, ରୁଲୋର ଓ ଗ୍ରାସ କଟର ଯୋଗାଇ ଦେଇଥିବାରୁ ଉପସ୍ଥିତ ସଦସ୍ୟ ମାନେ ବେଶ ଆନନ୍ଦିତ ହୋଇଥିଲେ ଓ ଏହି ଆଭାସୀ ଉଦଘାଟନୀ ଉତ୍ସବରେ ଯୋଗ ଦେଇଥିବା ନଗରପାଳ କୃଷ୍ଣଓନନ୍ଦ ମହାନ୍ତି ମୟୁରଭଞ୍ଜରେ କ୍ରିକେଟର ଏକ ନୂଆ ଯୁଗ ଆରମ୍ଭ ହେଲା ବୋଲି ପ୍ରକାଶ କରିଥିଲେ ଓ ମୟୁରଭଞ୍ଜ ଏଥଲେଟିକ ଏସୋସିଏସନର ଉପ ସଭାପତି ବିବେକାନନ୍ଦ ପଟ୍ଟନାୟକ ଅତ୍ୟାଧୁନିକ ଭିତ୍ତିଭୂମି ନିର୍ମାଣ ପରେ ବହୁ ଯୁବ ଖେଳାଳୀ ଉପକୃତ ହେବେ ବୋଲି ପ୍ରକାଶ କରିଥିଲେ ଓ ଅତିରିକ୍ତ ଜିଲ୍ଲାପାଳ ଅଭିମନ୍ୟୁ ନାୟକ ଜିଲ୍ଲାପ୍ରଶାସନ ତରଫରୁ ଆଗାମୀ ପିଢ଼ିର ଖେଳାଳୀ ମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ ଓ ଅନ୍ୟ ମାନଙ୍କ ମଧ୍ୟରେ ଉପ ସଭାପତି ସୁବ୍ରମନିୟମ ମହାନ୍ତି ଓ ମନୋଜ କୁମାର ସାଓ, ସହ ସମ୍ପାଦକ ବୈଦ୍ୟନାଥ ରଥ, ଅଶୋକ ପଟ୍ଟନାୟକ, ଅମର କୁମାର ସେଠି, ରବୀ